## ପାଟ୍ରୋଲିଂବେଳେ କନ୍‌ଷ୍ଟେବଲଙ୍କୁ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର (ବ୍ୟୁରୋ): ପାଟ୍ରୋଲିଂ ସମୟରେ ଜଣେ କନ୍‌ଷ୍ଟେବଲ ଆକ୍ରମଣର ଶିକାର ହୋଇଛନ୍ତି। ଏହି ଘଟଣାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପଳାଶୁଣୀ ଅଞ୍ଚଳର ଶାନ୍ତନୁ କୁମାର ବଳ(୨୮)। ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୮ଟାରେ ପାୱାରଗ୍ରିଡ୍ ଅଫିସ୍ ପଛପଟ ଗଳିରେ ଶାନ୍ତନୁ ବାଇକ୍ ଧରି ଛିଡ଼ା ହୋଇଥିଲେ। ଏହି ସମୟରେ ପାଟ୍ରୋଲିଂରେ ଯାଉଥିବା ପୋଲିସର ସନ୍ଦେହ ହେବାରୁ ଜଣେ କନ୍‌ଷ୍ଟେବଲ ପଚରାଉଚରା କରିଥିଲେ। ଏହାକୁ ନେଇ ଶାନ୍ତନୁ ଓ କନଷ୍ଟେବଲଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଶାନ୍ତନୁ ଉତ୍କ୍ଷିପ୍ତ ହୋଇ କନ୍‌ଷ୍ଟେବଲଙ୍କ ମୁହଁକୁ ହେଲ୍‌ମେଟରେ ପିଟି ଦେଇଥିଲେ।

# ଚାଲିଥିଲା ମଉଜ, ୪ ବାର୍ ସିଲ୍

ଭୁବନେଶ୍ୱର,୧୨।୧୨(ବ୍ୟୁରୋ):



ଏକ ବାର୍‌ରେ ନାଚ ଗୀତ ସହ ଭିଡ ଜମିଛି ।



ଅନ୍ୟ ଏକ ବାରରେ ପୋଲିସ ଯାଞ୍ଚ କରୁଛି ।

**ରାଜଧାନୀର ବିଭିନ୍ନ ବାର୍‌ରେ ଚଢ଼ାଉ**

**ବଢ଼ବଢ଼ିଆ ଯାଉଥିବା ବାର୍‌କୁ ମାଫ୍**

ରାଜଧାନୀର ବାର୍‌ରେ ମଦ ସହ ମଉଜ ଚାଲିଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ନାଚଗୀତଠାରୁ ଆରମ୍ଭ କରି ଚିତ୍ତବିନୋଦନ ପାଇଁ ସବୁକିଛି ମିଳୁଛି। କରୋନା କଟକଣାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏ ସମ୍ପର୍କରେ ଅଭିଯୋଗ ଆସିବା ପରେ କମିଶନରେଟ ପୋଲିସ ପକ୍ଷରୁ ଶନିବାର ବଡ଼ ଧରଣର ଚଢ଼ାଉ ହୋଇଛି। ଚଢ଼ାଉବେଳେ ବାର୍ ଭିତରର ପରିସ୍ଥିତିକୁ ଦେଖି ପୋଲିସ ଚକିତ ହୋଇଯାଇଛି। ୪ଟି ବାର୍ ସିଲ୍ କରିବା ସହ ଉଲ୍ଲଂଘନକାରୀ ଗ୍ରାହକ, କର୍ମଚାରୀ ଓ ବାର୍ ମାଲିକଙ୍କୁ ଜରିମାନା କରିଛି।

୨ ପ୍ଲାଟୁନ ପୋଲିସ ଫୋର୍ସ ସହ ୧୫ଜଣ ଅଧିକାରୀ ଲକ୍ଷ୍ମୀସାଗର, ବଡ଼ଗଡ଼, ବାଲିଅନ୍ତା, ଶହୀଦନଗର, ଖାରବେଳନଗର, ଚନ୍ଦ୍ରଶେଖରପୁର, ଖଣ୍ଡଗିରି ଓ ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ବାର୍‌ଗୁଡିକ ଉପରେ ଚଢ଼ାଉ କରିଥିଲେ। ଲକ୍ଷ୍ମୀସାଗର ଥାନାଞ୍ଚଳରେ ୧୦ଟି ବାର୍‌ରେ ଚଢାଉ କରାଯାଇଥିଲା। ତେବେ ମହାନ୍ତି ବିୟର ପାର୍ଲର ଓ ସ୍ୱାଗତ ବାର୍‌ରେ ଚଢାଉବେଳେ ବେଆଇନ ଭାବେ ମଦ ପରଷା ଯାଉଥିବାବେଳେ ଡ୍ୟାନ୍ସ ମଧ ଚାଲିଥିଲା। ଲକ୍ଷ୍ମୀସାଗର ଥାନା ଅଧିକାରୀ ଭରତ କୁମାର ସାହୁ ଉକ୍ତ ୨ଟି ବାର୍‌କୁ ତୁରନ୍ତ ସିଲ୍ କରିବା ସହ ୨ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରିଥିଲେ। ସେହିପରି କ୍ୟାପିଟାଲ ଥାନାଞ୍ଚଳରେ ଥିବା ଅଜିତ ବାର୍ ଓ ଖାରବେଳ ନଗର ଥାନାଞ୍ଚଳର ମ୍ୟାଡ୍ ମୁଲ୍ ବାର୍‌କୁ ସିଲ୍ ସହ ୨ହଜାର ଲେଖାଏ ଜରିମାନା ଆଦାୟ ହୋଇଛି। ଏ ନେଇ ଅବକାରୀ ବିଭାଗକୁ ଅବଗତ କରାଯିବା ସହ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗହଣ କରାଯିବ ବୋଲି ଥାନାଧିକାରୀ କହିଛନ୍ତି। ହେଲେ ଶହୀଦନଗର, ଚନ୍ଦ୍ରଶେଖରପୁର, ବାଲିଅନ୍ତା ଓ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଥିବା ୮ଟି ବାର୍‌ରେ ମଦ ମଉଜ ସହ ଡ୍ୟାନ୍ସ ଚାଲିଥିଲେ ମଧ୍ୟ ହାତ ମରାଯାଇନି। ସେଠାରେ ବଡ଼ବଡ଼ିଆ ଓ ଭିଆଇପିମାନେ ରହିଥିବାରୁ ପୋଲିସ ଚଢ଼ାଉ କରି ନ ଥିବା ଅଭିଯୋଗ ଉଠିଥିଲା। ତେବେ ଏହାକୁ ସ୍ଥାନୀୟ ଥାନାଧିକାରୀମାନେ ଅସ୍ୱୀକାର କରିବା ସହ ସେଗୁଡ଼ିକ ବନ୍ଦ ହୋଇଯାଇଥିବାରୁ ଚଢ଼ାଉ ହୋଇ ନ ଥଲା। ରବିବାର ପୁଣି ଚଢ଼ାଉ କରାଯିବ। ଭିଡ଼ ହେଉଥିବା ବା ନିୟମ ଉଲ୍ଲଂଘନ କରୁଥିବା ବାର୍ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେମାନେ କହିଛନ୍ତି।

## ସଂକ୍ଷେପରେ

### ୨ ପୁସ୍ତକ ଉନ୍ମୋଚିତ

**କଟକ ଅଫିସ,୧୨।୧୨-** ସତ୍ୟବ୍ରତ ପ୍ରକାଶନୀ ପକ୍ଷରୁ ସାରସ୍ୱତ ସାଧିକା ଡକ୍ଟର ସୁବାସିନୀ ଲେଙ୍କାଙ୍କ ଗଳ୍ପ ପୁସ୍ତକ 'ସମର୍ପଣ' ଓ କବିତା ପୁସ୍ତକ 'ଝରା ଶେଫାଳିର ମର୍ମର' ଶନିବାର ଶ୍ରୀରାମଚନ୍ଦ୍ର ଭବନରେ ଉନ୍ମୋଚିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ ଏଥିରେ ସଭାପତିତ୍ୱ କରି ପୁସ୍ତକ ଦ୍ୱୟକୁ ଉନ୍ମୋଚନ କରିଥିଲେ। ଏଥିରେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ମୀନାକ୍ଷୀ ଦେବୀ ଯୋଗଦେଇ କହିଥିଲେ, ଡକ୍ଟର ଲେଙ୍କାଙ୍କ କବିତା ବହୁବିଧ ଚେତନାକୁ ନେଇ ରଚିତ। ଉତ୍କଳ ସାହିତ୍ୟ ସମାଜର ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ ପ୍ରକାଶକ ସତ୍ୟବ୍ରତ ନାୟକ ଧନ୍ୟବାଦ ଦେଇଥିଲେ। ଡକ୍ଟର ଯଶସ୍ୱୀ ନାୟକ ଓ ପୂଜା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ନିର୍ବାଚନ ପ୍ରସ୍ତୁତି ବୈଠକ

**କଟକ ସଦର, ୧୨।୧୨(ଡି.ଏନ୍.ଏ.):** କଟକ ଜିଲାପରିଷଦ ଜୋନ୍-୭ର ଉପନିର୍ବାଚନ ପରିପ୍ରେକ୍ଷୀରେ କଟକ ସଦର ବ୍ଲକ ଅଧୀନ କିଶୋର ନଗର ଓ ଅରିଲୋଠାରେ ବିଜେଡିର ନିର୍ବାଚନ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ବୈଠକରେ ପ୍ରାର୍ଥୀ ବିଳାସ ମଲ୍ଲିକ, କଟକ ଜିଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସୁଭଦ୍ରା ଦାସ, ବ୍ଲକ ଉପାଧକ୍ଷ ବିଭୂତି ଭୂଷଣ ପରିଡା ଓ ବ୍ଲକ ସଭାପତି ପ୍ରମୋଦ ମହାପାତ୍ର ଯୋଗଦେଇଥିଲେ। କିଶୋରନଗରଠାରେ ଅନୁଷ୍ଠିତ ବୈଠକରେ ଛତ୍ରପତି ସିଂ ସଭାପତିତ୍ୱ କରିଥିବାବେଳେ ରୋହିତ ଜେନା, ସମିତିସଭ୍ୟା ଇଲାବତୀ ବିଶୋୟୀ ଓ ବିପ୍ରଚରଣ ଭୋଳଙ୍କ ସମେତ କର୍ମୀମାନେ ଯୋଗଦେଇଥିଲେ। ସେହିପରି ଅରିଲୋଠାରେ ଆଲୋକ କୁମାର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶରତ ରାୟ ନିର୍ବାଚନର ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। କୋଭିଡ୍ ଗାଇଡଲାଇନ ମାନି ପ୍ରଚାର ପାଇଁ ନିଷ୍ପତ୍ତି ହୋଇଥିଲା।

### ଅଟୋ ସହ ମଦ ଜବତ

**ବାରଙ୍ଗ,୧୨।୧୨(ଡି.ଏନ୍.ଏ.):** ନନ୍ଦନକାନନ ଥାନା ପୋଲିସ ଶୁକ୍ରବାର ରାତିରେ ବଟାନିକାଲ ଗାର୍ଡେନ ରାସ୍ତାରେ ଜଣେ ଅଟୋଚାଳକ ଅଟୋରେ ଦେଶୀମଦ ରଖି ବିକ୍ରି କରୁଥିବା ଅଭିଯୋଗରେ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ରଘୁନାଥପୁର ଗ୍ରାମର କୈଳାସ ଗୁରୁ। ପୋଲିସ ତାଙ୍କଠାରୁ ୨୪ଲିଟର ଦେଶୀମଦ, ଅଟୋ ସହ ନଗଦ ୫ହଜାର ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ.୯୯/୨୦ରେ ଏକ ମାମଲା ରୁଜୁ କରିଛି। ଶନିବାର ରାତିରେ ବଟାନିକାଲ ଗାର୍ଡେନ ରାସ୍ତାର କାଞ୍ଜିଆ ବନ୍ଧରେ ମଦ ବିକ୍ରି ହେଉଥିବାର ପୋଲିସ ପାଖରେ ଖବର ପହଞ୍ଚିଥିଲା। ପୋଲିସ ଟିମ୍ ଚଢ଼ାଉ କରି କୈଳାସଙ୍କୁ ଧରିଥିଲା।

### ୭ନଂ. ଜୋନ୍ ଜିଲା ପରିଷଦ ଉପନିର୍ବାଚନ

### କମରପଦା ବୁଥ୍‌କୁ ନେଇ ଭୋଟର ଆତଙ୍କିତ

**କଟକ ସଦର, ୧୨।୧୨(ଡି.ଏନ୍.ଏ.):** ଆସନ୍ତା ୨୨ରେ କଟକ ଜିଲା ପରିଷଦ ୭ନଂ. ଜୋନ୍ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। କୋଭିଡ୍-୧୯ ଗାଇଡ୍‌ଲାଇନ୍‌କୁ ଆଧାରକରି ସକାଳ ୭ଟାରୁ ମଧାହ୍ନ ୧୨ଟା ମଧରେ ଭୋଟଗ୍ରହଣ କରାଯିବ। ମାତ୍ର କଟକ ସଦର ବ୍ଲକ ଅଧୀନ ଧରିଣା ପଞ୍ଚାୟତ କମରପଦା ଗ୍ରାମର ୬, ୭ ଓ ୮ ନଂ. ୱାର୍ଡ ପାଇଁ ଗୋଟିଏ ସ୍ଥାନରେ ବୁଥ୍ ୨୦୧୭ ନିର୍ବାଚନ ସମୟରେ ହୋଇଥିଲା। ଚଳିତ ଉପନିର୍ବାଚନରେ ଏହି ସ୍ଥାନରେ ୩ଟି ୱାର୍ଡର ୩ଟି ବୁଥ୍ କରାଗଲେ କେନ୍ଦ୍ର ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରାଯାଇପାରିବ ନାହିଁ। କାରଣ ସାମାଜିକ ଦୂରତା ବଜାୟ ରଖିବା ପାଇଁ କମରପଦା ପ୍ରାଥମିକ ବିଦ୍ୟାଳୟ କ୍ୟାମ୍ପସ ପର୍ଯ୍ୟାପ୍ତ ନୁହେଁ। ୩ଟି ୱାର୍ଡର ୧୦୦୦ରୁ ଉର୍ଦ୍ଧ୍ୱ ଭୋଟର ଭୋଟ୍ ଦେବା ପାଇଁ ୨ ଦ୍ୱାର ଥିବା କୋଠରିର ଅଭାବ ରହିଛି। ୫ ଘଣ୍ଟା ମଧରେ ମତଦାନ ହେବା ବ୍ୟବସ୍ଥା ଥିବାରୁ ଭିଡ ଜମିବ ବୋଲି ବରିଷ୍ଠ ନାଗରିକମାନେ ଆଶଙ୍କା କରିଛନ୍ତି। ତେଣୁ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଓ କମରପଦା ଗ୍ରାମର ମୁରବିମାନଙ୍କ ସହ ବିଚାରବିମର୍ଶ କରି ନିକଟରେ ଥିବା ପରିତ୍ୟକ୍ତ ଅନନ୍ତ ଆଶ୍ରମ ଗୃହକୁ ଯେକୌଣସି ୱାର୍ଡର ମତଦାନ କେନ୍ଦ୍ର ସ୍ଥାନାନ୍ତର କରିବା ପାଇଁ ଦାବି ହେଉଛି। କିଶନନଗର ତହସିଲ ଅଧୀନରେ ଥିବା ଆଶ୍ରମଟି ବୁଥ୍ କରିବାରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ ବୋଲି ଭୋଟରମାନେ ମତବ୍ୟକ୍ତ କରିଛନ୍ତି।

# ଡେମୋ ଦେଖାଇଲେ ୨ ଅଭିଯୁକ୍ତ

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

**ଏଟିଏମ୍‌ରୁ ୨୮ଲକ୍ଷ ଟଙ୍କା ଲୁଟ୍ ଘଟଣା**

- ଲୁଟ୍ ଟଙ୍କା ଜବତ ପାଇଁ ରାଜ୍ୟ ବାହାରକୁ ଯିବ ସ୍ପେଶାଲ୍ ସ୍କ୍ୱାଡ୍
- ର୍‌ୟାକେଟ ସହ ଓଡ଼ିଆ ଅପରାଧୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ

ବାହାର ରାଜ୍ୟରୁ ଆସି ଭୁବନେଶ୍ୱରରେ ଏଟିଏମ୍ କାଟି ଲୁଟିଥିଲେ ୨୮ଲକ୍ଷ। କେମିତି ଏତେବଡ଼ ଲୁଟ୍ କରି ବିମାନରେ ଫେରାର ହୋଇଯାଇଥିଲେ ଅଭିଯୁକ୍ତ। ଏ ସମସ୍ତ କାର୍ଯ୍ୟ କେବଳ ବାହାର ରାଜ୍ୟରୁ ଆସିଥିବା ୨ ଲୁଟେରାଙ୍କର ବୋଲି କମିଶନରେଟ୍ ପୋଲିସ ସହଜରେ ହଜମ କରିପାରୁ ନାହିଁ। ଏମିତି ଅନେକ ଅଛିଣ୍ଡା ପ୍ରଶ୍ନର ଉତ୍ତର ପାଇବା ପାଇଁ ଭାଇଜାଗ୍‌ରୁ ରିମାଣ୍ଡରେ ଆଣିଥିବା ଦୁଇ ଅଭିଯୁକ୍ତ ପଞ୍ଜାବର ସମରଜିତ ସିଂ ଓ କେରଳର ଜାଫର ସାଦିକ୍‌ଙ୍କୁ କମିଶନରେଟ୍ ପୋଲିସର ୩ଟି ସ୍ୱତନ୍ତ୍ର ଟିମ୍ ଝାଳବୁହା ଜେରା କରିଛି। ଏହି ଲୁଟ୍‌ରେ ରାଜ୍ୟ ଭିତରୁ ଅନ୍ୟ କାହାର ସମ୍ପୃକ୍ତି ଥିବା ସନ୍ଦେହରେ ମଧ ପୋଲିସ ଉଭୟଙ୍କୁ ଗୁଡେଇ ତୁଡେଇ ପ୍ରଶ୍ନ କରିଛି। ଶନିବାର ମାରାଥନ ଜେରାପରେ ଉଭୟଙ୍କୁ ଲୁଟ୍ ହୋଇଥିବା ଏଟିଏମ୍ ନିକଟକୁ ନେଇ ସିନ୍ ରିକ୍ରିଏଟ୍ କରାଯାଇଥିଲା। ସେଠାରେ ସେମାନେ କେମିତି ଏଟିଏମ୍ କାଟି ଟଙ୍କା ନେଇଥିଲେ ତାହାର ଟିକ୍‌ନିକ୍ ଘଟଣା ପୋଲିସ ଆଗରେ କରି ଦେଖାଇଥିଲେ। ତେବେ ଜେରାପରେ ପୋଲିସ ଉଭୟଙ୍କ ନିକଟରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ନେଇ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ମୁଖ୍ୟତଃ ଅଭିଯୁକ୍ତ ଦ୍ୱୟ ଲୁଟ୍ ଟଙ୍କା କେଉଁଠି ରଖିଛନ୍ତି, କେମିତି ସେ ସମସ୍ତ ଟଙ୍କା ଉଦ୍ଧାର କରାଯାଇପାରିବ ସେ ଦିଗରେ ପୋଲିସ ଅଧିକ ଖୋଳତାଡ କରିଛି। ଦରକାର ପଡିଲେ ଟଙ୍କା ଉଦ୍ଧାର ପାଇଁ ସ୍ପେଶାଲ ସ୍କ୍ୱାଡ୍‌ର ଏକ ଟିମ୍ ରାଜ୍ୟ ବାହାରକୁ ଯିବ ବୋଲି ସ୍ପେଶାଲ ସ୍କ୍ୱାଡ୍ ମୁଖ୍ୟ ସଞ୍ଜୀବ ଶତପଥୀ ସୂଚନା ଦେଇଛନ୍ତି। ଅକ୍ଟୋବର ୧୦ରେ ଅଭିଯୁକ୍ତ ଦ୍ୱୟ ଟଙ୍କା ଲୁଟ୍ ପରେ ବିମାନ ଯୋଗେ ଦିଲ୍ଲୀ ପଳାଇଥିଲେ। ଦିଲ୍ଲୀରେ କିଛିଦିନ ରହିବାପରେ ବେଙ୍ଗାଲୁରୁ ଓ ପରେ ଚଣ୍ଡିଗଡ଼ ଚାଲିଯାଇ ସେଠାରେ ମଧ ଏକାଧିକ ଲୁଟ୍ କରିଥିଲେ । ଏହା ପରେ ଭାଇଜାଗରେ ଘର ଭଡା ନେଇ ରହିବା ସହ ସେଠାରେ ମଧ ସମାନ ଧରଣର ଲୁଟ୍ କରୁଥିବା ସମୟରେ ପୋଲିସ ହାତରେ ଧରାପଡ଼ିଥିଲେ। ପୋଲିସ ଟିମ୍ ଅଭିଯୁକ୍ତଦ୍ୱୟଙ୍କୁ ଭାଇଜାଗ୍‌ରୁ ରିମାଣ୍ଡରେ ଆଣି ଜେରା କରୁଛି।

## ଓକିଲ ସଂଘ ନିର୍ବାଚନ

### ଜିଓ୍ୱାଲ୍ ହକ୍ ଭୁବନେଶ୍ୱର ବାର୍ ସଭାପତି

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ଭୁବନେଶ୍ୱର ବାରଆସୋସିଏଶନର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ସଭାପତି ଭାବେ ମହମ୍ମଦ ଜିଓ୍ୱାଲ୍ ହକ୍ ଓ ଉପସଭାପତି ପ୍ରଶାନ୍ତ କୁମାର ମହାନ୍ତି ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସୁରେଶ କୁମାର ଦାସ, ଅଭିଜିତ ମିଶ୍ର, ଅମୂଲ୍ୟ ପ୍ରସାଦ ନାୟକ, ଅନିଲ କୁମାର ଶାହା, ଅନ୍ତର୍ଯ୍ୟାମୀ ବିଶ୍ୱାଳ, କାଳୁ ଚରଣ ସେଠୀ, ନାରାୟଣ ଜେନା, ମମତା ମିଶ୍ର ଓ ସୌଭାଗ୍ୟ ନାୟକ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ତେବେ ଭୋଟ ପ୍ରକ୍ରିୟା ପରେ ରାଜକିଶୋର ଦାସ ସମ୍ପାଦକ, ରୋଜାଲିନ ପ୍ରଧାନ ସହ ସମ୍ପାଦକ, ଶକ୍ତି ପ୍ରସାଦ ଛୋଟରାୟ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଭୋଟ୍ ପ୍ରକ୍ରିୟା ସକାଳ ସାଢେ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ସାଢେ ୪ଟା ପର୍ଯ୍ୟନ୍ତ ଜାରି ରହିଥିଲା।

### କଟକ : କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନ

କଟକ ଅଫିସ,୧୨।୧୨

କଟକ କ୍ରିମିନାଲ କୋର୍ଟସ ବାର୍ ଆସୋସିଏସନର ସଭାପତି ଭାବେ ଆଇନଜୀବୀ ଦିଲ୍ଲୀପ କୁମାର ପଟ୍ଟନାୟକ, ଉପସଭାପତି ଟଙ୍କଧର ମିଶ୍ର, ସମ୍ପାଦକ ସ୍ମୃତି ରଞ୍ଜନ ରାଉତ, ଯୁଗ୍ମ ସମ୍ପାଦକ ଗଗନ ବାରିକ ଏବଂ କୋଷାଧକ୍ଷ ଭାବେ ଶିଶିର ରଞ୍ଜନ ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି। ଏଥିସହ ବାସୁଦେବ ସେଠୀ, ଜ୍ୟୋତିରଞ୍ଜନ ପରିଜା, ମହେନ୍ଦ୍ର ସୁବୁଦ୍ଧି ଓ ନିଳାଦ୍ରୀ ବିହାରୀ ମହାରଣା କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ପ୍ରମୋଦ ପାଇକରାୟ ଜଣାଇଛନ୍ତି।

**କଟକ ବାର୍ ଆସୋସିଏଶନ:** କଟକ ବାର୍ ଆସୋସିଏଶନ ସଭାପତି ଭାବେ ସ୍ମିତ ରଞ୍ଜନ ପଟ୍ଟନାୟକ, ଉପସଭାପତି ସଞ୍ଜୁକ୍ତା ପାତ୍ର, ସମ୍ପାଦକ ଅଞ୍ଜନ କୁମାର ଜେନା, ଯୁଗ୍ମ ସମ୍ପାଦକ ଅଜିତ କୁମାର ରାଉତ, ସହ-ସମ୍ପାଦକ ମହେନ୍ଦ୍ରଲାଲ ଜେନା, କୋଷାଧକ୍ଷ ମାନସ କୁମାର ଆଚାର୍ଯ୍ୟ ଓ ପାଠାଗାର ସମ୍ପାଦକ ଭାବେ ମମତା ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ସେହିପରି ବିଜନ ମହାନ୍ତି, ଧରିତ୍ରୀ ବାରିକ ଓ ଗୁରୁପ୍ରସାଦ ଦାସ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ଜି. ପି. ସାମଲ ଜଣାଇଛନ୍ତି।



କଟକ ବାର୍ ଆସୋସିଏଶନର ନବ ନିର୍ବାଚିତ କର୍ମକର୍ତ୍ତା ।

**ଏମ୍.ଭି. ଲୟର୍ସ ଆସୋସିଏଶନ:** ମୋଟର ଭେଇକିଲ(ଏମ୍.ଭି.) ବାର୍ ଆସୋସିଏସନ ସଭାପତି ଭାବେ ଜିତେନ୍ଦ୍ର ମହାନ୍ତି, ଉପସଭାପତି ରୁପେଶ କୁମାର ମହାନ୍ତି, ସମ୍ପାଦକ ବିଜୟ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ସଞ୍ଜୀବ କୁମାର ରଥ ଓ ରଶ୍ମି ରଞ୍ଜନ ଦାସ, କୋଷାଧକ୍ଷ ଜ୍ଞାନରଞ୍ଜନ ପାଲ ଓ ପାଠାଗାର ସମ୍ପାଦକ ଭାବେ ଲିଟୁ ପ୍ରଧାନ ନିର୍ବାଚିତ ହୋଇଛନ୍ତି । ଏଥି ସହିତ ଜ୍ୟୋତି ରଞ୍ଜନ ମହାନ୍ତି, ରାଜେସ ପ୍ରସାଦ ଭଗତ, ସୁବ୍ରତ କୁମାର ନାୟକ, ପ୍ରଫୁଲ୍ଲ କୁମାର ସରଙ୍ଗୀ, ରଘୁନନ୍ଦନ ସ୍ୱାଇଁ, ଚିତ୍ତରଞ୍ଜନ ଧଳ, ଜିତେନ୍ଦୁ ମହାନ୍ତି, ରୁଦ୍ର ରଞ୍ଜନ ମହାପାତ୍ର ଏବଂ ସୁଧାଂଶୁ ଶେଖର ପ୍ରଧାନ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ଅନିରୁଦ୍ଧ ନାୟକ ଜଣାଇଛନ୍ତି ।

### ବାଙ୍କୀରେ ଗୌରୀଶଙ୍କର, କୈଳାସ ବଡ଼ମ୍ବା ସଭାପତି

ବାଙ୍କୀ/ବଡ଼ମ୍ବା,୧୨।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

ବାଙ୍କୀ ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଗୌରୀ ଶଙ୍କର ନନ୍ଦ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଗଗନବିହାରୀ ପଣ୍ଡାଙ୍କୁ ୨୫ ଖଣ୍ଡ ଭୋଟ ବ୍ୟବଧାନରେ ହରାଇଛନ୍ତି। ସମ୍ପାଦକଭାବେ କୈଳାସ ମହାପାତ୍ର, ଉପସଭାପତି ବକ୍ସି ସୁଧାଂଶୁ ରଞ୍ଜନ ପଟ୍ଟନାୟକ ବିଜୟୀ ହୋଇଛନ୍ତି। କୋଷାଧକ୍ଷଭାବେ ସରୋଜ ମତଗଜ ସିଂ ଓ ସହସମ୍ପାଦକ ଶୁଭାଶିଷ ମହାପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ବଡ଼ମ୍ବା ଓକିଲ ସଂଘ ସଭାପତିଭାବେ କୈଳାଶ ଚନ୍ଦ୍ର ଜେନା, ସମ୍ପାଦକ ଭାବେ ଦିଲୀପ କୁମାର ସାମନ୍ତ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଦେବାଶିଷ ଜେନା, ସହ ସମ୍ପାଦକ ଶୈଳେନ୍ଦୁ ଭୂଷଣ ମଲ୍ଲିକ ଓ କୋଷାଧକ୍ଷ ଚିତ୍ତରଞ୍ଜନ ଗୋଛି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

# ସ୍ଥାୟୀ ନିଯୁକ୍ତି ଦାବିରେ ଏଏନ୍‌ଏମ୍ କର୍ମଚାରୀଙ୍କ ଅହୋରାତ୍ର ଆନ୍ଦୋଳନ

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)



ସସ୍ମିତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା କରାଯାଉଛି।

ସ୍ଥାୟୀ ନିଯୁକ୍ତି ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଗତ ୨୮ ତାରିଖରୁ ଏଏନ୍‌ଏମ୍ କର୍ମଚାରୀମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଦାବିପୂରଣ ନ ହେଲେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ସେମାନେ କହିଛନ୍ତି। କରୋନା ମହାମାରୀ ସମୟରେ ସରକାରଙ୍କ ଆହ୍ୱାନରେ ଏମାନେ କିଛି ଚିନ୍ତା ନ କରି ଲୋକଙ୍କ ସେବା ପାଇଁ ଆଗେଇ ଆସିଥିଲେ। ଦୀର୍ଘ ୬ ମାସ ହେବ ସେମାନେ ରୋଗୀ ସେବାରେ ଲାଗିଥିଲେ। କିନ୍ତୁ ସଂକ୍ରମଣ ଥମିବା ପରେ କୋଭିଡ୍ କେୟାର ସେଣ୍ଟର ବନ୍ଦ ହୋଇଯିବାରୁ ଏମାନେ ଏବେ ସମ୍ପୂର୍ଣ୍ଣ ବେକାରୀ। ଏଭଳି ସମୟରେ ସରକାର ନିଯୁକ୍ତି ବଦଳରେ ଛଟେଇ କରିଥିବାରୁ ଏହାର ଦୃଢ଼ ପ୍ରତିବାଦ କରିଛନ୍ତି ମହିଳା ସ୍ୱାସ୍ଥ୍ୟକର୍ମୀ। ୧୫ ଦିନ ଧରି ଏଏନ୍‌ଏମ୍‌ଙ୍କ ଆନ୍ଦୋଳନ ଜାରି ରହିଥିବାବେଳେ ଏହାକୁ ଅଧିକ ତୀବ୍ର କରିବାକୁ ୩ ଦିନ ହେବ ଆମରଣ ଅନଶନରେ ୩୦ରୁ ଅଧିକ ସ୍ୱାସ୍ଥ୍ୟକର୍ମୀ ବସିଛନ୍ତି। ଏମାନଙ୍କ ମଧ୍ୟରୁ କେତେଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଅଧିକ ଖରାପ ହେବାରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ଶନିବାର ଆଉ ଜଣେ ମହିଳା ଭଦ୍ରକର ସସ୍ମିତା ପାଢୀ ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେପଟେ ଭାଜପା ଓ କଂଗ୍ରେସ ଧାରଣାସ୍ଥଳକୁ ଯାଇ ଏଏନ୍‌ଏମ୍‌ମାନଙ୍କୁ ଆଶ୍ୱାସନା ଦେବା ସହ ଆନ୍ଦୋଳନକୁ ନୈତିକ ସମର୍ଥନ ଜଣାଇଛି।

**ଆନ୍ଦୋଳନକାରୀ ଅସୁସ୍ଥ**

## ନାବାଳିକା ଭାଣିଜୀକୁ ବଳାତ୍କାର ଉଦ୍ୟମ

ନିଶ୍ଚିନ୍ତକୋଇଲି, ୧୨।୧୨(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ଏହି ଘଟଣାରେ ପୋଲିସ ସମ୍ପର୍କୀୟ ମାମୁଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ସବ୍‌ଜେଲକୁ ପଠାଇ ଦିଆଯାଇଛି। ସେ ହେଲେ ଏହି ଥାନା ଅଞ୍ଚଳର ଗଣେଶ୍ୱର ମଲିକ(୩୦)। ପୀଡ଼ିତା ନାବାଳିକାଙ୍କ ଘର କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ । ସେ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଥିବା ମାମୁ ଘରକୁ ବୁଲିବାକୁ ଆସିଥିଲେ। ଅଭିଯୁକ୍ତ ଗଣେଶ୍ୱର ସମ୍ପର୍କୀୟ ମାମୁ ହୋଇଥିବାରୁ ସେ ନାବାଳିକାଙ୍କୁ ଘରେ ଛାଡ଼ି ଦେବାକୁ କହି ସାଙ୍ଗରେ ନେଇ ବାଟରେ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣକ ସେଠାରୁ ଖସି ସ୍ଥାନୀୟ ଲୋକଙ୍କ ସହାୟତାରେ ଘରକୁ ଯାଇ ଏବିଷୟରେ ଜଣାଇଥିଲେ। ବାପାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୧୬୩/୨୦) ରୁଜୁ ହୋଇଛି।

## ଯୁବକଙ୍କୁ ହତ୍ୟା ମାମଲା: ଜେଲ ଗଲେ ୬ ଅଭିଯୁକ୍ତ

ଖୋର୍ଦ୍ଧା ଅଫିସ,୧୨।୧୨:

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ଡିଆ ଗ୍ରାମର ବିକାଶ ସାହୁ ହତ୍ୟା ମାମଲାରେ ଶନିବାର ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରମାବିଲି ଗ୍ରାମର ଦିଲୁ ଓରଫ ଦିଲୀପ ମହାପାତ୍ର(୩୦), ଶରଥ ଓରଫ ତ୍ରିନାଥ ମହାପାତ୍ର(୬୦), ଗୋପୀନାଥ ମହାପାତ୍ର(୫୨), ନୀଳମଣି ପ୍ରଧାନ(୫୭), ବିଜୟ ମହାପାତ୍ର(୪୮) ଏବଂ ସୁର ଓରଫ ଶ୍ରୀକାନ୍ତ ସାହୁ। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ଖୋର୍ଦ୍ଧା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଉତ୍କଳ କନିକା ଗ୍ୟାଲେରିଆ ପକ୍ଷରୁ ରିଟେଲ-କର୍ମଚାରୀ ଦିବସ

ଭୁବନେଶ୍ୱର,୧୨।୧୨

ସ୍ଥାନୀୟ କଳ୍ପନାଛକ ସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ପକ୍ଷରୁ ରିଟେଲ ଓ କର୍ମଚାରୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ୟାଲେରିଆ ପରିସରରେ ରହିଥିବା ସମସ୍ତ ରିଟେଲ ଏବଂ ମଲ୍ କର୍ମଚାରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସରକାରଙ୍କ କୋଭିଡ୍-୧୯ କଟକଣା ପାଳନ ସହ କର୍ମଚାରୀମାନଙ୍କ ମଧ୍ୟରେ ନୃତ୍ୟ ଓ ଗୀତ ସାଙ୍ଗକୁ ଅନ୍ୟାନ୍ୟ ଖେଳକୁଦ ପ୍ରତିଯୋଗିତା ୩ଟି ସୋପାନରେ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ (କର୍ମଚାରୀ)ଙ୍କୁ ସାର୍ଟିଫିକେଟ ସହ ସମ୍ମାନିତ କରାଯାଇଥିଲା। ମଲ୍‌ର ବାଣିଜ୍ୟକ ମହାପ୍ରବନ୍ଧକ ପୂର୍ଣ୍ଣିମା ବୈଦ୍‌ଙ୍କ ଦ୍ୱାରା ବିଭିନ୍ନ ଟ୍ରଫି ଏବଂ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଉତ୍କଳ ବିଲ୍‌ଡର୍ସର ମ୍ୟାନେଜିଂ ଡାଇରେକ୍ଟର ଶରଦ ବୈଦ୍ କୃତୀ ପ୍ରତିଯୋଗୀ (ରିଟେଲ ଓ କର୍ମଚାରୀ)ଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ବୈଦ୍‌ଙ୍କ ପିତା ବନଓ୍ୱାରଲାଲ ବୈଦ୍‌ଙ୍କ ଦ୍ୱାରା ମଲ୍‌ର ରିଟେଲ ଶପ୍ 'ଶପର ଷ୍ଟପ୍'କୁ ରିଟେଲ ଅଫ୍ ଦି ଇୟର ଏବଂ ଅଲ୍ ଦାଟ୍ ଜଜ୍ କୁ ଆଉଟଷ୍ଟାଣ୍ଡିଂ ପରଫରମାନ୍ସ ଅଫ୍ ଦି ଇୟର ଭଳି ସମ୍ମାନ ପ୍ରଦାନ କରାଯାଇଥିଲା। ମଲ୍‌ର ମାର୍କେଟିଂ ହେଡ୍ ଦୁଲାଲ ସାହୁ, ମାର୍କେଟିଂ ମ୍ୟାନେଜର ସୁଦାମ ସାହୁ ଏବଂ ମଲ୍‌ର ଅପରେଶନ ହେଡ୍ ଅନୁପ ମହାଳିକ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟୋଲ୍‌ଗେଟ୍‌ରେ ବିନା ଶୁଳ୍କରେ ଗାଡି ଛାଡିଲେ

**କୃଷି ଆଇନ ପ୍ରତ୍ୟାହାର ଦାବିରେ ବିକ୍ଷୋଭ**

ଚୌଦ୍ୱାର/କଟକ ସଦର, ୧୨।୧୨(ଡି.ଏନ୍.ଏ.)




ମଙ୍ଗୁଳି ଟୋଲ୍‌ଗେଟ୍ ସମ୍ମୁଖରେ ନିଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଓ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ।

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଇ ନିଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି, କୃଷକ ମୋର୍ଚ୍ଚା କଟକ ଜିଲା କମିଟି ଓ ଅନ୍ୟ ସଙ୍ଗଠନ ପକ୍ଷରୁ ଶନିବାର ୧୬ ନଂ. ଜାତୀୟ ରାଜପଥର ମଙ୍ଗୁଳି ଟୋଲ୍‌ଗେଟ୍ ନିକଟରେ ପୂର୍ବାହ୍ନ ୧୨ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ବିକ୍ଷୋଭକାରୀମାନେ ବିନା ଶୁଳ୍କରେ ଗାଡିଗୁଡିକୁ ଟୋଲ୍‌ଗେଟ୍ ପାର୍ କରାଇଥିଲେ। ଜିଲା କୃଷକ ସଭା ସଭାପତି ମଧୁସୂଦନ ପତି, ସିପିଆଇ(ଏମ୍)ର ଜିଲା ସମ୍ପାଦକ ବଦ୍ରି ନାରାୟଣ ଦାସଙ୍କ ପରିଚାଳନାରେ ବିଷ୍ଣୁ ବେହେରା, ପ୍ରତାପ ମହାପାତ୍ର, କୃଷକ ନେତା ପିତାମ୍ବର ଲେଙ୍କା, ଯୁବ ଫେଡେରେଶନ୍ ନେତା ରିତିକ୍ ମହାପାତ୍ର, ଗଣତାନ୍ତ୍ରିକ ମହିଳା ସମିତି ଜିଲା ସମ୍ପାଦିକା ବୁଲି ସାହୁ, ଜୟନ୍ତୀ ଗାଗରାଇଙ୍କ ସମେତ ଦଳୀୟ କର୍ମୀ ଓ କୃଷକମାନେ ବିକ୍ଷୋଭରେ ସାମିଲ ହୋଇଥିଲେ।

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଶନିବାର କନ୍ଦରପୁର ଟୋଲ୍‌ଗେଟ୍ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିନକ ପାଇଁ କୌଣସି ଯାନରୁ ଶୁଳ୍କ ଆଦାୟ ନ କରିବାକୁ ସଙ୍ଗଠନର କର୍ମକର୍ତ୍ତାମାନେ ଜିଦ୍ ଧରିଥିଲେ। ଫଳରେ ଶୁଳ୍କ ଆଦାୟ ନ କରିବା ଦାବିକୁ ଟୋଲ୍‌ଗେଟ୍ କର୍ତ୍ତୃପକ୍ଷ ମାନି ନେଇଥିଲେ। କଟକ ସଦର ବ୍ଲକ ସଂଯୋଜକ ରାମଚନ୍ଦ୍ର ରାଉତ, ଦେବୀ ପ୍ରସାଦ ମହାରଣା, ଶରତ ଚନ୍ଦ୍ର ମହାପାତ୍ର ଓ ଅଶୋକ ସାହୁ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## ସଂକ୍ଷେପରେ

### ୪ ପଥର, ବାଲି ବୋଝେଇ ଗାଡ଼ି ଜବତ

**ଖୋର୍ଦ୍ଧା ଅଫିସ,୧୨।୧୨:** ଖୋର୍ଦ୍ଧା ଜିଲାରେ ଦିନକୁ ଦିନ ପଥର ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ବେଆଇନ ଭାବେ ଚାଲାଣ ହେଉଥିବା ପଥର, ବାଲି, ମୋରମ ଉପରେ ପ୍ରଶାସନ ପକ୍ଷରୁ ଚଢ଼ାଉ ଜାରି ରହିଛି। ଶନିବାର ଖୋର୍ଦ୍ଧା ତହସିଲ ପକ୍ଷରୁ ନୂଆ ବସ୍‌ଷ୍ଟାଣ୍ଡରୁ ୩ଟି ବାଲି ବୋଝେଇ ହାଇୱା ଏବଂ ୧୬ନଂ. ଜାତୀୟ ରାଜପଥ ପିଏନ୍ କଲେଜ ନିକଟରୁ ଏକ ମାଙ୍କଡ଼ାପଥର ବୋଝେଇ ମିନିଟ୍ରକ୍ ଜବତ କରାଯାଇଛି। ସୂଚନା ମୁତାବକ, ଅତିରିକ୍ତ ତହସିଲଦାର ରବୀନ୍ଦ୍ର ପାଢ଼ୀଙ୍କ ନେତୃତ୍ୱରେ ଏକ ରାଜସ୍ୱ ଟିମ୍ ଶନିବାର ସକାଳେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ନୂଆବସଷ୍ଟାଣ୍ଡ ଦେଇ ନୟାଗଡ଼ ଅଭିମୁଖେ ଯାଉଥିବା ୩ଟି ବାଲି ବୋଝେଇ ହାଇୱାକୁ ଅଟକାଇଥିଲେ। ଡ୍ରାଇଭର କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ସମସ୍ତ ଗାଡିକୁ ଜବତ କରିଥିଲେ। ସେହିପରି ପିଏନ୍ କଲେଜ ରାଜରାଥ ଦେଇ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ମାଙ୍କଡ଼ା ବୋଝଇ ଟ୍ରକ୍‌କୁ ଜବତ କରିଥିଲେ।

### ପାଟ୍ରୋଲିଂବେଳେ କନ୍‌ଷ୍ଟେବଳଙ୍କୁ ଆକ୍ରମଣ, ଯୁବକ ଗିରଫ

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ):** ପାଟ୍ରୋଲିଂ ସମୟରେ ଜଣେ କନ୍‌ଷ୍ଟେବଳ ଆକ୍ରମଣର ଶିକାର ହୋଇଛନ୍ତି। ଏହି ଘଟଣାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପଲାଶୁଣି ଅଞ୍ଚଳର ଶାନ୍ତନୁ କୁମାର ବଳ(୨୮)। ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୮ଟାରେ ପାୱାରବ୍ରିଟ୍ ଅଫିସ୍ ପଛପଟ ଗଳିରେ ଶାନ୍ତନୁ ବାଇକ୍ ଧରି ଛିଡ଼ା ହୋଇଥିଲା। ଏହି ସମୟରେ ପାଟ୍ରୋଲିଂରେ ଯାଉଥିବା ପୋଲିସର ସନ୍ଦେହ ହେବାରୁ ଜଣେ କନ୍‌ଷ୍ଟେବଳ ପଚରାଉଚରା କରିଥିଲେ। ଏହାକୁ ନେଇ ଶାନ୍ତନୁ ଓ କନଷ୍ଟେବଳଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଶାନ୍ତନୁ ଉତ୍‌କ୍ଷିପ୍ତ ହୋଇ କନ୍‌ଷ୍ଟେବଳଙ୍କ ମୁହଁକୁ ହେଲ୍‌ମେଟରେ ପିଟି ଦେଇଥିଲେ।

### ଇଣ୍ଡିଆନ ବ୍ୟାଙ୍କ ଏଟିଏମ୍ ଉଦ୍‌ଘାଟିତ

**ବେଗୁନିଆ,୧୨।୧୨(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ବଜାରରେ ଥିବା ଇଣ୍ଡିଆନ ବ୍ୟାଙ୍କ ପରିସରରେ ଶନିବାର ଏକ ଏଟିଏମ୍ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ମହାପ୍ରବନ୍ଧକ ବି. ସୁରିବାବୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କଣ୍ଟାବାଡ଼ ଶାଖା ପରିଚାଳକ ସମର ବଲ୍ଲଭ ରଥଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥିଭାବେ ସରପଞ୍ଚ ପ୍ରଶାନ୍ତ ବେହେରା, ସମିତି ସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି, ଭୁବନେଶ୍ୱରସ୍ଥିତ ଇଣ୍ଡିଆନ ବ୍ୟାଙ୍କର ଉପ ପ୍ରବନ୍ଧକ ମନୋରଞ୍ଜନ ଦାସ, ଜୋନାଲ ମ୍ୟାନେଜର ଲକ୍ଷ୍ମୀଧର ନାୟକ ପ୍ରମୁଖ ଯୋଗଦେଇଥିଲେ। ବେଗୁନିଆ ଅଞ୍ଚଳରେ ଏହା ହେଉଛି ପ୍ରଥମ ଅତ୍ୟାଧୁନିକ ଏଟିଏମ୍, ଯାହାକି ଉପଭୋକ୍ତାମାନେ ଏହି ମେଶିନ ଦ୍ୱାରା ଟଙ୍କା ଉଠାଣ ଏବଂ ପ୍ରେରଣ କରିପାରିବେ ବୋଲି ମୁଖ୍ୟ ଅତିଥି ସୁରିବାବୁ କହିଛନ୍ତି। ସାମାଜିକ କର୍ମୀ କାର୍ତ୍ତିକେୟ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ।

### ଗୀତା ପାଠଶାଳା ବରଦାନୀ ଭବନ ଉଦ୍‌ଘାଟିତ

**ନିରାକାରପୁର,୧୨।୧୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବଡପୋଖରିଆ ପଞ୍ଚାୟତ ନୀଳଗିରିପାଟଣା ଗ୍ରାମଠାରେ ଗୀତା ପାଠଶାଳା ବରଦାନୀ ଭବନ ଶନିବାର ଉଦ୍‌ଘାଟିତ ହୋଇଛି। ଏଥିରେ ରାଜସ୍ଥାନ ମାଉଣ୍ଟଆବୁରେ ଥିବା ପ୍ରଜାପିତା ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟର ଗ୍ରାମାଞ୍ଚଳ ଉନ୍ନତୀକରଣ ବିଭାଗର ଉପସଭାପତି ଦାୟିତ୍ୱରେ ଥିବା ବ୍ରହ୍ମ କୁମାର ରାଜୁ ଭାଇ ଓ ଭୁବନେଶ୍ୱର ଡିଭିଜନର ମୁଖ୍ୟ ବ୍ରହ୍ମ କୁମାର ସନ୍ତୋଷ ଭାଇ, ସ୍ଥାନୀୟ ସରପଞ୍ଚ ସାଗର ବଳିଆର ସିଂହ ଓ ବ୍ରହ୍ମ କୁମାରୀ ଲିନା ଭଉଣୀ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ରହ୍ମ କୁମାରୀ ସବିତା ମଞ୍ଚ ପରିଚାଳନା କରିଥିବା ବେଳେ ଅମଙ୍ଗାନର ପ୍ରଦାନ ଉଦ୍ଦେଶ୍ୟରେ ଉକ୍ତ ପାଠଶାଳା ଓ ବରଦାନୀ ଭବନକୁ ଜନସାଧାରଣଙ୍କୁ ସମର୍ପିତ କରାଯାଇଥିଲା। ଏହି ଅବସରରେ ବୁଦ୍ଧିଜୀବୀ, ଖବରଦାତା ଏବଂ ବାଲୁକା ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରହ୍ମକୁମାର ସଚିନ୍ ବଳିଆରସିଂହ ଧନ୍ୟବାଦ ଦେଇଥିଲେ।

# ଉପଭୋକ୍ତାଙ୍କୁ ଲୁଟୁଛନ୍ତି ବିଦ୍ୟୁତ୍ କର୍ମଚାରୀ

**ଖୋର୍ଦ୍ଧା ବିଦ୍ୟୁତ୍ ସବ୍‌ଡିଭିଜନ**
- ଶକ୍ତି ସଚିବଙ୍କୁ ଜଣାଇଲେ ଗ୍ରାମବାସୀ
- କ୍ରଶର ୟୁନିଟ, କମ୍ପାନୀ ଏବଂ ଦୋକାନୀଙ୍କୁ ଅନୁକମ୍ପା

**ଖୋର୍ଦ୍ଧା ଅଫିସ,୧୨।୧୨**

ଖୋର୍ଦ୍ଧା ବିଦ୍ୟୁତ୍ ସବ୍‌ଡିଭିଜନ ଅଧୀନରେ କାର୍ଯ୍ୟରତ ଜଣେ କର୍ମଚାରୀ ଉପଭୋକ୍ତାଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ କରିଥିବା ଅଭିଯୋଗ ଆସିଛି। ଉକ୍ତ କର୍ମଚାରୀ ଜଣଙ୍କ ଗରିବ, ଦିନ ମଜୁରିଆଙ୍କଠାରୁ ମିଟର ବସାଇବା ଲାଗି ଟଙ୍କା ଆଦାୟ କରିବା ସହ ବେଆଇନ ଭାବେ ଘରୋଇ କମ୍ପାନୀ ଏବଂ କ୍ରଶର ୟୁନିଟ୍‌କୁ ଲାଇନ ଦେଇ ଆସୁଛନ୍ତି। ଏହା ଜଣାପଡ଼ିବା ପରେ ଖୋର୍ଦ୍ଧା ବ୍ଲକ କୁରାଢ଼ମଲ୍ଲ ଗ୍ରାମର କେତେଜଣ ବ୍ୟକ୍ତି ରାଜ୍ୟ ଶକ୍ତି ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଗଲେ, ବହୁ ତଥ୍ୟ ପଦାକୁ ଆସିବ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି।

ଅଭିଯୋଗ ଅନୁଯାୟୀ, କୁରାଢ଼ମଲ୍ଲ ଗ୍ରାମର ମଙ୍ଗଳାସାହିର କେତେଜଣ ବ୍ୟକ୍ତିଙ୍କ ମିଟର ଖରାପ ଥିବା ଦର୍ଶାଇ ସମ୍ପୃକ୍ତ କର୍ମଚାରୀ ଜଣଙ୍କ ସେମାନଙ୍କଠାରୁ ଜଣ ପିଛା ୨ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରି ନେଇଛନ୍ତି। ବାରମ୍ବାର ଅଭିଯୋଗ ପରେ ସେସୁ ପକ୍ଷରୁ ମାଗଣାରେ ଦିଆଯାଇଥିବା ନୂଆ ମିଟର ବସାଇଛନ୍ତି। ଦଳେଇପୁଟ ଠାରେ ଜଣେ ବ୍ୟବସାୟୀଙ୍କୁ ଚୋରାରେ ଲାଇନ ଦିଆଯାଇଛି। ସେହିପରି ଦଳେଇପୁଟ ନିକଟରେ ଥିବା ଏକ ଆଜବେଷ୍ଟସ ଘରକୁ ହୁକ ପକାଇ ଲାଇନ ଦିଆଯାଇଛି। ଏଠାରେ ଅସମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିବା ସହ ଏସି, ହିଟର ଓ କୁଲର ଲାଗୁଛି। ତୋଟାପଡ଼ା ଛକରୁ କଦଳୀବାଡ଼ି ପର୍ଯ୍ୟନ୍ତ ଥିବା କେତେକ କ୍ରଶର ୟୁନିଟ୍ ମାଲିକଙ୍କ ଠାରୁ ମାସିକିଆ ଟଙ୍କା ନେଇ ଲାଇନ ଦିଆଯାଇଛି। ଫଳରେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଏଥିସହିତ ଦଳେଇପୁଟରେ କେତେଜଣ ବ୍ୟବସାୟୀଙ୍କ ଦୋକାନରେ ବିଦ୍ୟୁତ ବାଇପାସ କରାଯାଇଛି। କେତକ ସ୍ଥାନରେ ଡିଫେକ୍ଟିଭ ମିଟର ପରିବର୍ତ୍ତନ ଲାଗି ବିଭାଗୀୟ ନିର୍ଦ୍ଦେଶ ସତ୍ତ୍ୱେ ନୂଆ ମିଟର ଲଗାଯାଇନାହିଁ। ଡିଫେକ୍ଟିଭ ମିଟର ଲାଗିଥିଲେ ମଧ୍ୟ ସେମାନଙ୍କଠାରୁ ୧୦ହଜାର ଟଙ୍କା ପରିବର୍ତ୍ତେ ୩ ହଜାର ଟଙ୍କା ବିଲ୍ ଦିଆଯାଉଛି। ସମ୍ପୃକ୍ତ କର୍ମଚାରୀ ଜଣଙ୍କ ବେଆଇନ ଭାବେ ହୁକ ପକାଇ ରୋଷେଇ କରୁଛନ୍ତି। କୁରାଢମଲ୍ଲ ଅଞ୍ଚଳରେ ଚାଲିଥିବା କ୍ରଶର ୟୁନିଟ୍ ବିଦ୍ୟୁତ୍ କଟିଗଲେ, ତୁରନ୍ତ ମରାମତି କରାଯାଉଛି। ହେଲେ ସ୍ଥାନୀୟ ଲୋକଙ୍କ ଅଭିଯୋଗ କଲେ ଘଣ୍ଟା ଘଣ୍ଟା ଧରି ସଜଡ଼ାଯାଉନାହିଁ ବୋଲି ଉଲ୍ଲେଖ ରହିଛି। ଏ ସମ୍ପର୍କରେ ସବ୍‌ଡିଭିଜନ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ନାୟକ କହିଛନ୍ତି, ବିଦ୍ୟୁତ୍ ଶକ୍ତି ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିବା ନେଇ ସୂଚନା ରହିଛି। ନିକଟରେ କ୍ରାଇମବ୍ରାଞ୍ଚ ଟିମ୍ ମଧ୍ୟ ଏହି ଅଭିଯୋଗ ଉପରେ ଯାଞ୍ଚ କରିଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ମୋ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ଆସିଲେ, ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଅକ୍ଟୋବର ୧୪ରେ ଦଳେଇପୁଟ ଗ୍ରାମର ଜଣେ ବ୍ୟକ୍ତି କାର୍ଯ୍ୟନିର୍ବାହୀଙ୍କୁ ଘଟଣା ସମ୍ପର୍କରେ ରେଜିଷ୍ଟ୍ରି ପୋଷ୍ଟରେ ଅଭିଯୋଗ କରିଛନ୍ତି। ଏଭଳି କୌଣସି ଅଭିଯୋଗ ପାଇ ନ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ନାୟକ କହିଛନ୍ତି।

## ଗୋଡିପଡ଼ା ଟୋଲଗେଟ୍ ଆଗରେ ବିକ୍ଷୋଭ




**ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୨।୧୨(ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ କୃଷି ଆଇନ ଏବଂ ଜାତୀୟ ରାଜପଥରୁ ଟୋଲ ଆଦାୟ ବନ୍ଦ ଦାବିରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ୧୬ନଂ. ଜାତୀୟ ରାଜପଥ ଗୋଡିପଡ଼ାସ୍ଥିତ ଟୋଲଗେଟ ଆଗରେ ପ୍ରତିବାଦ କରିଥିଲେ। କେନ୍ଦ୍ର ସରକାରଙ୍କ କୃଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ସଙ୍ଗଠନର ଜିଲା ସଂଯୋଜକ ସୁରେଶ ମାନସିଂଙ୍କ ନେତୃତ୍ୱରେ ଏକାଧିକ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ନାଥ ମହାରଣା, ଶୁଭେନ୍ଦୁ ମଲ୍ଲିକ, ବୋଲଗଡ ସଂଯୋଜକ ଜୟନ୍ତ ତ୍ରିପାଠୀ, ସହ ସଂଯୋଜକ କାହ୍ନୁ ବେହେରା, ନିରଞ୍ଜନ ପ୍ରଧାନ, ବେଗୁନିଆ ସଂଯୋଜକ ମଦନ ସାହୁ, ହାଡିବନ୍ଧୁ ନାୟକ, ଗୌରାଙ୍ଗ ଜେନା ପ୍ରମୁଖ ସାମିଲ ହୋଇଥିଲେ। ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନକ୍ରମେ ଆଗାମୀ ୧୪ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ମାନସିଂ କହିଛନ୍ତି। ଖବରପାଇ ଜଙ୍କିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅବରୋଧ ହଟାଇଥିଲେ।



ପୁରୀ ବ୍ରାହ୍ମଣ ସମାଜ ପକ୍ଷରୁ ଶନିବାର ୭ଦଫା ଦାବି ନେଇ ଶ୍ରୀମନ୍ଦିର ସମ୍ମୁଖରେ ଧାରଣା ଦିଆଯିବା ସହ ଗୀତାପାଠ କରାଯାଉଛି।

## ୩ ଅଭିଯୁକ୍ତ ଗିରଫ

**ଖୋର୍ଦ୍ଧା ଅଫିସ,୧୨।୧୨**

ଖୋର୍ଦ୍ଧା ଟାଉନ ପୋଲିସ କୋର୍ଟ ୱାରେଣ୍ଟ ବଳରେ ୩ ଜଣଙ୍କୁ ଶନିବାର ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ଜରିପୁଟ ଗ୍ରାମର ଗୁଡୁ ଓରଫ ସାଗର ହରିଚନ୍ଦନ(୨୪), ପ୍ରକାଶ ମାର୍ଥା(୨୨) ଓ ଗେଡୁ ଓରଫ ସୁରେଶ ମାର୍ଥା (୨୪)। ସୂଚନା ମୁତାବକ, ଏକ ଘରୋଇ ଗଣ୍ଡଗୋଳକୁ କେନ୍ଦ୍ରକରି ଆଦର୍ଶ ଥାନାରେ ଏକ ମାମଲା (ନଂ.୧୮/୧୯) ମାମଲା ରୁଜୁ ହୋଇଥିଲା। ଏଥିରେ ଗିରଫ ହୋଇଥିବା ୩ ଜଣ ଜାମିନରେ ଆସିଥିଲେ। ପରବର୍ତ୍ତୀ ସମୟରେ ବାରମ୍ବାର ସମନ ସତ୍ତ୍ୱେ କୋର୍ଟରେ ହାଜିରା ହୋଇ ନ ଥିଲେ। ଶନିବାର କୋର୍ଟଙ୍କ ଜିଆର.କେସ ନଂ. ୫୨୩/୨୦ ଅନୁଯାୟୀ ପୋଲିସ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି।

## ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ସତ୍ତ୍ୱେ ମିଳୁନି ସହାୟତା

**ଖୋର୍ଦ୍ଧା ଅଫିସ,୧୨।୧୨**

- ସ୍ଥାନୀୟ ପ୍ରଶାସନର ଅବହେଳା ଅଭିଯୋଗ
- ଜୀବନ ସହ ସଂଗ୍ରାମ କରୁଛନ୍ତି ରୋଗୀ
- ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ଗରିବ ଲୋକଙ୍କ ଚିକିତ୍ସା ସୁବିଧା ନିମନ୍ତେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ (ସିଏମ୍‌ଆର୍‌ଏଫ୍) ବ୍ୟବସ୍ଥା କରିଛନ୍ତି। ତେବେ ଏହି ଯୋଜନା ଖୋର୍ଦ୍ଧା ଜିଲାରେ ଫେଲ୍ ମାରିଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ସତ୍ତ୍ୱେ ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁ ଜଣେ ରୋଗୀ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ବୋଲଗଡ଼ ତହସିଲ ଅଧୀନ ଗୋପୀନାଥପୁର ଗ୍ରାମର ବଂଶୀଧର ରାଉତଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି।

ସୂଚନା ମୁତାବକ, ବଂଶୀଧର ଏକ କ୍ରନିକ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ସିଏମ୍‌ଆର୍‌ଏଫ୍‌ର ସହଯୋଗ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ବଂଶୀଧରଙ୍କ ଚିକିତ୍ସା ଲାଗି ୧ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରାଯାଇଛି। ଏହି ଟଙ୍କା ବଂଶୀଧରଙ୍କୁ ପ୍ରଦାନ ଲାଗି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପତ୍ରାଙ୍କ ୨୨୭୯/୧୫।୭।୨୦ରେ ଖୋର୍ଦ୍ଧା ଜିଲା ପ୍ରଶାସନକୁ ଚିଠି ଲେଖିଥିଲେ। ଜିଲା ପ୍ରଶାସନର ଜରୁରିକାଳୀନ ବିଭାଗ(ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଅନୁମୋଦନ କ୍ରମେ) ବଂଶୀଧରଙ୍କୁ ଏହି ଟଙ୍କା ପଇଠ ଲାଗି ବିଭାଗୀୟ ପତ୍ରାଙ୍କ ସଂଖ୍ୟା ୧୩୦୫୭/୨୪।୮।୨୦ରେ ରୋଗୀଙ୍କ ଠିକଣାରେ ବୋଲଗଡ଼ ତହସିଲଦାରଙ୍କ ପରିବର୍ତ୍ତେ ବେଗୁନିଆ ତହସିଲଦାରଙ୍କ ନିକଟକୁ ପଠାଇ ଦେଇଥିଲେ। ଫଳରେ ରୋଗୀ ଟଙ୍କା ପାଇବାରେ ବାଧା ଉପୁଜିଛି। ସିଏମ୍‌ଆର୍‌ଏଫ୍‌ରୁ ୧ ଲକ୍ଷ ଟଙ୍କା ମିଳିଥିବା ରୋଗୀଙ୍କ ସମ୍ପର୍କୀୟଙ୍କ ନିକଟକୁ ପତ୍ର ଆସିଥିବା ସତ୍ତ୍ୱେ ତାଙ୍କୁ କୌଣସି ସହାୟତା ମିଳି ନ ଥିଲା। ଏନେଇ ବଂଶୀଧରଙ୍କ ସମ୍ପର୍କୀୟ ବୋଲଗଡ଼ ତହସିଲକୁ ବାରମ୍ବାର ଦୌଡି ନିରାଶ ହେବା ପରେ ଜିଲା ପ୍ରଶାସନ ଜରୁରିକାଳୀନ ବିଭାଗ ସହ ଯୋଗାଯୋଗ କରିଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ବେଗୁନିଆ ତହସିଲରେ ଯୋଗାଯୋଗ କରିବାକୁ କହିଥିଲେ। ଡିସେମ୍ବର ୩ରେ ବଂଶୀଧରଙ୍କ ସମ୍ପର୍କୀୟ ବେଗୁନିଆ ତହସିଲଦାରଙ୍କୁ ଲିଖିତ ଭାବେ ଅନୁରୋଧ କରିଥିଲେ। ତେବେ ୯ଦିନ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଅନ୍ୟପଟେ ବିକାଶଙ୍କ ଅବସ୍ଥା ଦିନକୁ ଦିନ ଖରାପ ହେବାକୁ ଲାଗିଛି। ସିଏମଆରଏଫରୁ ଆର୍ଥିକ ସହାୟତା ସତ୍ତ୍ୱେ ସ୍ଥାନୀୟ ପ୍ରଶାସନର ଅବହେଳାରୁ ବଂଶୀଧର ଏଥିରୁ ବଞ୍ଚିତ ହୋଇଛନ୍ତି। ଏନେଇ ଜିଲାପାଳ ସନତ ମହାନ୍ତିଙ୍କ ମତାମତ ମିଳିପାରିନାହିଁ।



ବଂଶୀଧର ରାଉତ।

## ଯୁବକଙ୍କୁ ହତ୍ୟା ମାମଲା: ଜେଲ ଗଲେ ୬ ଅଭିଯୁକ୍ତ

**ଖୋର୍ଦ୍ଧା ଅଫିସ,୧୨।୧୨**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ଡ଼ିଆ ଗ୍ରାମର ବିକାଶ ସାହୁ(୨୯)ଙ୍କ ହତ୍ୟା ମାମଲାରେ ଶନିବାର ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରମାବିଲି ଗ୍ରାମର ଦିଲୁ ଓରଫ ଦିଲୀପ ମହାପାତ୍ର(୩୦), ଶରଥ ଓରଫ ତ୍ରିନାଥ ମହାପାତ୍ର(୬୦), ଗୋପୀନାଥ ମହାପାତ୍ର(୫୨), ନୀଳମଣି ପ୍ରଧାନ(୫୭), ବିଜୟ ମହାପାତ୍ର(୪୮) ଏବଂ ସୁର ଓରଫ ଶ୍ରୀକାନ୍ତ ସାହୁ। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ଖୋର୍ଦ୍ଧା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ଗତ ୯ ତାରିଖରେ ବିକାଶ ଗ୍ରାମର ଜଣେ ଯୁବକଙ୍କ ବାହାଘରରେ ରମାବିଲି ଗାଁକୁ ଅନ୍ୟମାନଙ୍କ ସହ ବରଯାତ୍ରୀ ଯାଇଥିଲେ। ଶୋଭାଯାତ୍ରା ଯାଉଥିବାବେଳେ ବର ବସିଥିବା କାର ଭିତର ଅନ୍ଧାର ଥିବାରୁ ସ୍ଥାନୀୟ ଜଣେ ଯୁବକ ଚାଳକଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ରମାବିଲିଗ୍ରାମର ମାଡ଼ ମାରିଥିବା ଯୁବକଙ୍କ ସହ ୨୦ରୁ ୩୦ଜଣ ବରଯାତ୍ରୀଙ୍କୁ ଆକ୍ରମଣ କରିଥିଲେ। ସମସ୍ତ ବରଯାତ୍ରୀ ସେଠାରୁ ଛତ୍ରଭଙ୍ଗ ଦେଇ ଘରକୁ ଫେରିଥିବା ବେଳେ ବିକାଶ ଫେରି ନ ଥିଲେ। ପରେ ଗ୍ରାମବାସୀ ଓ ପରିବାର ଲୋକେ ରମାବିଲିରେ ପହଞ୍ଚି ବିକାଶଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। କନ୍ୟା ଘର ନିକଟରେ ବିକାଶଙ୍କ ବାଇକ୍ ଥିବା ଦେଖିବା ପରେ ପରିବାରଲୋକେ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଜଙ୍କିଆ ପୋଲିସ ନିରାକାରପୁର ଥାନାରେ ଅଭିଯୋଗ କରିବାକୁ କହି ଫେରାଇ ଦେଇଥିଲା। ନିରାକାରପୁର ପୋଲିସ ମଧ୍ୟ ଅଭିଯୋଗପତ୍ର ରଖିବାକୁ ମନା କରିଦେଇଥିଲା। ପରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସନ୍ଧ୍ୟାରେ ଜଙ୍କିଆ ପୋଲିସ ନିଖୋଜ ମାମଲା (ନଂ.୨୪୯/୨୦)ରୁଜୁକରି ତଦନ୍ତ ଚଳାଇଥିଲା। ଶୁକ୍ରବାର ପୋଲିସ ତଦନ୍ତ ବେଳେ ରମାବିଲି ମଠସାହି କୂଅରୁ ବିକାଶଙ୍କ ମୃତଦେହ ମିଳିବା ପରେ ଖବରପାଇ ପରିବାର ଲୋକେ ଓ ଗ୍ରାମବାସୀ ପହଞ୍ଚି ରମାବିଲି ଗାଁ ମୁଣ୍ଡରେ ରାସ୍ତାରୋକୋ କରିଥିଲେ। ଖବରପାଇ ଏସ୍‌ପି ସ୍ୱାଇଁ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବିକାଶଙ୍କୁ ହତ୍ୟା କରାଯାଇ କୂଅରେ ଫିଙ୍ଗିଦିଆଯାଇଛି ବୋଲି ତାଙ୍କ ବାପା କେଦାରନାଥ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୦୨ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତ ବ୍ୟାକୁଳ

**ଶ୍ରୀମନ୍ଦିର ଖୋଲିବା ନେଇ ମନ୍ଦିର ପ୍ରଶାସନ ଓ ଛତିଶା ନିଯୋଗର ସମ୍ମତି ପ୍ରକାଶ ପାଇବା ପରେ ସରକାରଙ୍କ ଅନୁମତିକୁ ଏବେ ଅପେକ୍ଷା। ୨୩ରୁ ମନ୍ଦିର ଖୋଲିବା ନେଇ ମନ୍ଦିର ପ୍ରଶାସକଙ୍କ ଠାରୁ ସୂଚନା ମିଳିଛି। ଏହି ନିଷ୍ପତ୍ତିକୁ ସବୁ ମହଲରୁ ସ୍ୱାଗତ କରାଯାଇଛି। କୋଭିଡ୍ କଟକଣା ଯୋଗୁ ଦୀର୍ଘ ୯ମାସ ଧରି ମହାପ୍ରଭୁଙ୍କ ଦର୍ଶନରୁ ଭକ୍ତ ବଞ୍ଚିତ ହୋଇଛନ୍ତି। ଏଥିପାଇଁ ବିଭିନ୍ନ ବର୍ଗର ଜୀବନଜୀବିକା ମଧ୍ୟ ପ୍ରଭାବିତ ହୋଇଛି। ତେଣୁ ଏବେ କଟକଣା ମଧ୍ୟରେ ମହାପ୍ରଭୁଙ୍କ ଦର୍ଶନ କିପରି ସହଜରେ ହେବ ଏବଂ ମହାପ୍ରଭୁଙ୍କ ସାନ୍ନିଧ୍ୟ ମିଳିପାରିବ ତାକୁ ବ୍ୟବସ୍ଥିତ କରିବାର ସମୟ ଆସିଛି।**

### ଖୁବ୍‌ଶୀଘ୍ର ମନ୍ଦିର ଖୋଲୁ



ଶ୍ରୀମନ୍ଦିର ଖୋଲିବା ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଖୁବ୍‌ଶୀଘ୍ର ମନ୍ଦିର ଖୋଲୁ ଏବଂ ସମସ୍ତେ ଜଗା ଦର୍ଶନ କରନ୍ତୁ। ଏତେଦିନ ଧରି ମହାପ୍ରଭୁଙ୍କୁ ଦର୍ଶନ ନ କରି ଦର୍ଶନାର୍ଥୀ ବାଡ଼େଇଛାଟି ହେଲେଣି। ତେବେ ମନ୍ଦିର ଖୋଲିବା ପରେ ସବୁ କଟକଣା ଠିକ୍‌ରେ ପାଳନ କରାଯିବା ଆବଶ୍ୟକ। ଦୀର୍ଘଦିନ ପରେ ମନ୍ଦିର ଖୋଲାଯାଉଥିବା କାରଣରୁ ସବୁ ଭକ୍ତ ଦର୍ଶନ କରିବାକୁ ଚାହିଁବେ। ୨୨ପାହାଚରେ ପ୍ରବଳ ଗହଳି ଦେଖିବାକୁ ମିଳିବ। ଠେଲାପେଲା ହେବାର ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଛି। ଏହାକୁ ଯଦି ଧ୍ୟାନ ଦିଆ ନ ଯିବ ତେବେ ବହୁ ଅସୁବିଧା ହେବ। ତେଣୁ ଏହାକୁ ପ୍ରଶାସନ ଠିକ୍‌ରେ ପରିଚାଳନା କରିବା ଆବଶ୍ୟକ।

**– ନବ କିଶୋର ବରାଳ, ପାଣିଆପଟ ସେବାୟତ**

### ବଡ଼ ଆନନ୍ଦର ବିଷୟ



ଶ୍ରୀମନ୍ଦିର ଖୋଲିବା ନେଇ ରାଜ୍ୟସରକାର ଯେତେଶୀଘ୍ର ଅନୁମତି ଦେବେ ସେତେ ଖୁସି ଲାଗିବ। ମନ୍ଦିର ଖୋଲିବା ନିଷ୍ପତ୍ତି ଜଣାପଡ଼ିବା ପରେ ଭକ୍ତଙ୍କ ମନରେ ଅପୂର୍ବ ଖୁସି ଖେଳିଯାଇଛି। ପୁଣିଥରେ ପ୍ରଭୁ ଜଗନ୍ନାଥ-ଭକ୍ତଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ହେବ। ଦୀର୍ଘଦିନ ଧରି ଶ୍ରୀମନ୍ଦିର ବନ୍ଦ ରହିଲାଣି। ଏହା ଭିତରେ ରଥଯାତ୍ରା, ଚନ୍ଦନ ଯାତ୍ରା, ନାଗାର୍ଜୁନ ବେଶରେ ମହାପ୍ରଭୁଙ୍କ ନୀତିକାନ୍ତି ହୋଇଥିଲେ ମଧ୍ୟ ଭକ୍ତମାନେ ଦର୍ଶନର ସୁଯୋଗ ପାଇନାହାନ୍ତି। ଏବେ ମନ୍ଦିର ଖୋଲିବାକୁ ଯାଉଛି, ଏହାଠାରୁ ବଡ଼ ଆନନ୍ଦର ବିଷୟ ଆଉ କିଛି ନାହିଁ।

**– ରାମଚନ୍ଦ୍ର ଦାସ ମହାପାତ୍ର, ପରିଚାଳନା କମିଟି ସଦସ୍ୟ**

### ସେବାୟତଙ୍କ ଲାଗି ଟିକା ବ୍ୟବସ୍ଥା କରାଯାଉ



ମନ୍ଦିର ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ହେଲେ ଠିକ୍‌ରେ କଟକଣା ମାନି ଭକ୍ତଙ୍କୁ ଦର୍ଶନ ଅନୁମତି ମିଳିବା ଆବଶ୍ୟକ। ତୁରନ୍ତ ସେବାୟତଙ୍କ ଲାଗି ଟିକା ବ୍ୟବସ୍ଥା କରାଯାଉ। କାରଣ ସେବାୟତମାନେ ଦୈନିକ ୧୫ଘଣ୍ଟା କାମ କରିବେ। ଏହି ସମୟରେ ସେମାନେ ହଜାର ହଜାର ଲୋକଙ୍କ ସଂସ୍ପର୍ଶରେ ଆସିବେ। ତେଣୁ ଯେବେ ଟିକା ଆସିବ ସେତେବେଳେ ପ୍ରଥମ ପର୍ଯ୍ୟାୟ ଟିକାକରଣରେ ସେବାୟତଙ୍କୁ ସାମିଲ କରାଯାଉ।

**– ରଜତ ପ୍ରତିହାରୀ, ସେବାୟତ**

### ଅର୍ଥନୀତିରେ ସୁଧାର ଆସିବ



ଡେରିରେ ହେଲେ ବି ଉଚିତ୍ ନିଷ୍ପତ୍ତି ନିଆଯାଇଛି। ମନ୍ଦିର ନ ଖୋଲିବା ଯୋଗୁ ପୁରୀର ବିଭିନ୍ନ ବର୍ଗର ଅର୍ଥନୀତି ମେରୁଦଣ୍ଡ ଦୋହଲିଗଲାଣି। ମନ୍ଦିର ଖୋଲିଲେ ପର୍ଯ୍ୟଟକଙ୍କ ଆଗମନ ବଢ଼ିବ। ହୋଟେଲ ଶିଳ୍ପଠାରୁ ଆରମ୍ଭ କରି ସମସ୍ତଙ୍କ ଆର୍ଥିକ ସଙ୍କଟ ଦୂର ହେବ। ଖୁଚୁରା ବ୍ୟବସାୟୀ ମଧ୍ୟ ବହୁ ଅସୁବିଧା ଭୋଗିଲେଣି। ମହାପ୍ରଭୁ ମଧ୍ୟ ଭକ୍ତଙ୍କ ଆଗମନକୁ ଅପେକ୍ଷା କରିଛନ୍ତି।

**– ରବି ନାରାୟଣ ସାହୁ, ପୁରୀବାସୀ।**

### ମନ୍ଦିର ଖୋଲିବାକୁ ଲୋକ ଚାହିଁ ରହିଛନ୍ତି



ମନ୍ଦିର ଖୋଲିବା ନିଶ୍ଚିତଭାବେ ଏକ ସ୍ପର୍ଶକତାର ବିଷୟ। କେବେ ମନ୍ଦିର ଖୋଲାଯିବ, ତାକୁ ଲୋକମାନେ ଚାହିଁ ରହିଛନ୍ତି। ହେଲେ ସେବାୟତମାନେ ଏହା ଚାହୁଁଛନ୍ତି ନା ନାହିଁ ତାହା ଜାଣିବା ଦରକାର। ପୂର୍ବରୁ ମନ୍ଦିରକୁ ଖୋଲାଗଲେ କୋଭିଡ୍ ବଢ଼ିବାର ଆଶଙ୍କା ଥିବାରୁ ସେବାୟତମାନେ ଏହା ଚାହୁଁ ନ ଥିଲେ। ଏବେ ଯଦି ଛତିଶା ନିଯୋଗରେ ଶ୍ରୀମନ୍ଦିର ଖୋଲିବା ଲାଗି ନିଷ୍ପତ୍ତି ହୋଇଛି ତେବେ ଏହା ସ୍ୱାଗତଯୋଗ୍ୟ। ଲୋକଙ୍କ ଜୀବନଜୀବିକା ଅଟକି ରହିଛି। ମନ୍ଦିର ନ ଖୋଲିଲେ ଲୋକଙ୍କ ଆର୍ଥିକ ସଙ୍କଟ ବଢ଼ିଯିବ। ତେଣୁ ତୁରନ୍ତ ମନ୍ଦିର ଖୋଲାଯାଉ।

**– ମହନ୍ତ, ରାମଚରଣ ଦାସ**

### ବ୍ୟାକୁଳ ହେଲେଣି ଭକ୍ତ



ମନ୍ଦିର ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତୁରନ୍ତ ଏହା ହେବା ଦରକାର, ଭକ୍ତମାନେ ମହାପ୍ରଭୁଙ୍କୁ ଦେଖିବାକୁ ବ୍ୟାକୁଳ ହେଲେଣି। ଏପରି କି ବିଭିନ୍ନ ଲୋକଙ୍କ ଜୀବନ ଜୀବିକା ମଧ୍ୟ ଉଜୁଡ଼ିଯିବାକୁ ବସିଲାଣି। ଇତିମଧ୍ୟରେ ତିରୁପତି ମନ୍ଦିର ମଧ୍ୟ ଖୋଲିଲାଣି। ସେଠାରେ ଦୈନିକ ୯ହଜାର ଭକ୍ତ ଦର୍ଶନ କରିବାର ବ୍ୟବସ୍ଥା ରହିଛି। ସମସ୍ତେ ମାସ୍କ, ସାନିଟାଇଜର ବ୍ୟବହାର କରି ଦର୍ଶନ କରୁଛନ୍ତି। ମହାପ୍ରଭୁଙ୍କୁ ଯେପରି ଲୋକମାନେ ଯଥାଶୀଘ୍ର ଦର୍ଶନ କରିପାରିବେ ସେଥିପାଇଁ ବ୍ୟବସ୍ଥା କରାଯିବା ଆବଶ୍ୟକ।

**– ଗୀତାଞ୍ଜଳି ପଣ୍ଡା, ସାମାଜିକ କର୍ମୀ**

### ସଡ଼କ ଦୁର୍ଘଟଣାରେ ସ୍ୱାସ୍ଥ୍ୟ କର୍ମଚାରୀ ମୃତ

**କୋଣାର୍କ,୧୨।୧୨(ଡି.ଏନ୍.ଏ.)**

କୋଣାର୍କ-ପୁରୀ ବେଳାଭୂମି ରାସ୍ତାର ଇକୋ ରିଟ୍ରିଟ୍ ସମ୍ମୁଖ ରାସ୍ତାରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ପୁରୀ ଜିଲା ଚନ୍ଦନପୁର ଅଞ୍ଚଳର ବାଇଧର ମହାପାତ୍ର। ଶନିବାର ବାଇଧର ବାଇକ୍ ଯୋଗେ କୋଣାର୍କ ଆସୁଥିବାବେଳେ ଇକୋ ରିଟ୍ରିଟ୍‌ଠାରେ ଗୋଡି ଗଦା ହୋଇଥିବାରୁ ତାଙ୍କ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପୁଅ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୧୫୭/୨୦ରେ ଏକ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରଖିଥିବା କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ କହିଛନ୍ତି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ସ୍ୱାସ୍ଥ୍ୟ କର୍ମଚାରୀ ମୃତ

**କୋଣାର୍କ,୧୨।୧୨(ଡି.ଏନ୍.ଏ.):** କୋଣାର୍କ-ପୁରୀ ବେଳାଭୂମି ରାସ୍ତାର ଇକୋ ରିଟ୍ରିଟ୍ ସମ୍ମୁଖ ରାସ୍ତାରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ପୁରୀ ଜିଲା ଚନ୍ଦନପୁର ଅଞ୍ଚଳର ବାଇଧର ମହାପାତ୍ର। ଶନିବାର ବାଇଧର ବାଇକ୍ ଯୋଗେ କୋଣାର୍କ ଆସୁଥିବାବେଳେ ଇକୋ ରିଟ୍ରିଟ୍‌ଠାରେ ଗୋଡି ଗଦା ହୋଇଥିବାରୁ ତାଙ୍କ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୨ ଦିନିଆ ଯୋଗ ଶିବିର ଉଦ୍‌ଘାଟିତ

**ଡେଲାଙ୍ଗ,୧୨।୧୨(ଡି.ଏନ୍.ଏ.):** ଡେଲାଙ୍ଗ ହିରୋ ମୋଟର୍ସ ଓ ମହତାବ ଉଚ୍ଚ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ୨ ଦିନିଆ ଯୋଗ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବଦତ୍ତ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଡେପୁଟି ଡାଇରେକ୍ଟର ଅଫ ସ୍ପୋର୍ଟ୍ସ ପ୍ରଭାକର ମଙ୍ଗରାଜ ଯୋଗଦେଇ ଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ମହତାବ ଉଚ୍ଚ ବିଦ୍ୟାଳୟର ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଅନିରୁଦ୍ଧ ରାଉତ, ଖବରଦାତା ପ୍ରସନ୍ନ ତ୍ରିପାଠୀ, ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଘୁନାଥ ବେହେରା, ବଟକୃଷ୍ଣ ଜେନା, ଅମିତ ମଲ୍ଲିକ, ଯତୀନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀରୁ ଆସିଥିବା ଯୋଗଗୁରୁ ପ୍ରଭାତ ସାହୁ, ପ୍ରଦୀପ ଦଳାଇ, ସସ୍ମିତା ରାଉତରାୟ, କେଶିରାମ ହେମ୍ବ୍ରମ, ଅବିନାଶ ହରିଚନ୍ଦନ ପ୍ରମୁଖ ଯୋଗ ଶିବିରରେ ଉପସ୍ଥିତ ଥିବା ଶିବିରାର୍ଥୀଙ୍କୁ ଯୋଗ ଓ ପ୍ରାଣାୟାମ କରାଇଥିଲେ।

### ବନ ବିଦ୍ୟାଳୟର ଭିତ୍ତିଭୂମି ଅନୁଧ୍ୟାନ କଲେ ଅଧିକାରୀ

**ସାକ୍ଷୀଗୋପାଳ,୧୨।୧୨(ଡି.ଏନ୍.ଏ.):** ଐତିହ୍ୟ ସମ୍ପନ୍ନ ବନ ବିଦ୍ୟାଳୟର ପରବର୍ତ୍ତୀ ଶିକ୍ଷାନୁଷ୍ଠାନ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ବିକାଶ ପାଇଁ ଶନିବାର ପୁରୀ ପ୍ରକଳ୍ପ ନିର୍ଦ୍ଦେଶକ ତପନ କୁମାର ସେନଙ୍କ ନେତୃତ୍ୱରେ ଏକ ଟିମ ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି। ଫନୀ ବାତ୍ୟା ସହ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟାଳୟର ପୁରୁଣା କୋଠାର ମରାମତି, ଛାତ୍ରୀଛାତ୍ରଙ୍କ ନିମନ୍ତେ ୪ଟି ପାଇଖାନା ନିର୍ମାଣ, ଗୋପବନ୍ଧୁଙ୍କ ପୂର୍ଣ୍ଣାବୟବ ଜରାଜୀର୍ଣ୍ଣ ପ୍ରତିମୂର୍ତ୍ତି ଅପସରଣ, ନୂତନ ପ୍ରତିମୂର୍ତ୍ତି ସ୍ଥାପନ ସହ ମଣ୍ଡପର ନବୀକରଣ କରିବାକୁ ନିର୍ଦ୍ଦେଶକ ସେନ୍ ପ୍ରଧାନ ଶିକ୍ଷୟିତ୍ରୀ ଓ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ।

# ଉପଭୋକ୍ତାଙ୍କୁ ଲୁଟୁଛନ୍ତି ବିଦ୍ୟୁତ୍ କର୍ମଚାରୀ

**ଖୋର୍ଦ୍ଧା ବିଦ୍ୟୁତ୍ ସବ୍‌ଡିଭିଜନ**

- ଶକ୍ତି ସଚିବଙ୍କୁ ଜଣାଇଲେ ଗ୍ରାମବାସୀ
- କ୍ରଶର ୟୁନିଟ, କମ୍ପାନୀ ଏବଂ ଦୋକାନୀଙ୍କୁ ଅନୁକମ୍ପା

**ଖୋର୍ଦ୍ଧା ଅଫିସ,୧୨।୧୨**

ଖୋର୍ଦ୍ଧା ବିଦ୍ୟୁତ୍ ସବ୍‌ଡିଭିଜନ ଅଧୀନରେ କାର୍ଯ୍ୟରତ ଜଣେ କର୍ମଚାରୀ ଉପଭୋକ୍ତାଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ କରୁଥିବା ଅଭିଯୋଗ ଆସିଛି। ଉକ୍ତ କର୍ମଚାରୀ ଜଣଙ୍କ ଗରିବ, ଦିନ ମଜୁରିଆଙ୍କଠାରୁ ମିଟର ବସାଇବା ଲାଗି ଟଙ୍କା ଆଦାୟ କରିବା ସହ ବେଆଇନ ଭାବେ ଘରୋଇ କମ୍ପାନୀ ଏବଂ କ୍ରଶର ୟୁନିଟ୍‌କୁ ଲାଇନ ଦେଇ ଆସୁଛନ୍ତି। ଏହା ଜଣାପଡ଼ିବା ପରେ ଖୋର୍ଦ୍ଧା ବ୍ଲକ କୁରାଢ଼ମଲ୍ଲ ଗ୍ରାମର କେତେଜଣ ବ୍ୟକ୍ତି ରାଜ୍ୟ ଶକ୍ତି ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଗଲେ, ବହୁ ତଥ୍ୟ ପଦାକୁ ଆସିବ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି।

ଅଭିଯୋଗ ଅନୁଯାୟୀ, କୁରାଢ଼ମଲ୍ଲ ଗ୍ରାମର ମଙ୍ଗଳାସାହିର କେତେଜଣ ବ୍ୟକ୍ତିଙ୍କ ମିଟର ଖରାପ ଥିବା ଦର୍ଶାଇ ସମ୍ପୃକ୍ତ କର୍ମଚାରୀ ଜଣଙ୍କ ସେମାନଙ୍କଠାରୁ ଜଣ ପିଛା ୨ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରି ନେଇଛନ୍ତି। ବାରମ୍ବାର ଅଭିଯୋଗ ପରେ ସେସୁ ପକ୍ଷରୁ ମାଗଣାରେ ଦିଆଯାଇଥିବା ନୂଆ ମିଟର ବସାଇଛନ୍ତି। ଦଳେଇପୁଟ ଠାରେ ଜଣେ ବ୍ୟବସାୟୀଙ୍କୁ ଚୋରାରେ ଲାଇନ ଦିଆଯାଇଛି। ସେହିପରି ଦଳେଇପୁଟ ନିକଟରେ ଥିବା ଏକ ଆଜବେଷ୍ଟସ ଘରକୁ ହୁକ ପକାଇ ଲାଇନ ଦିଆଯାଇଛି। ଏଠାରେ ଅସମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିବା ସହ ଏସି, ହିଟର ଓ କୁଲର ଲାଗୁଛି। ତୋଟାପଡ଼ା ଛକରୁ କଦଳୀବାଡ଼ି ପର୍ଯ୍ୟନ୍ତ ଥିବା କେତେକ କ୍ରଶର ୟୁନିଟ୍ ମାଲିକଙ୍କ ଠାରୁ ମାସିକିଆ ଟଙ୍କା ନେଇ ଲାଇନ ଦିଆଯାଇଛି। ଫଳରେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଏଥିସହିତ ଦଳେଇପୁଟରେ କେତେଜଣ ବ୍ୟବସାୟୀଙ୍କ ଦୋକାନରେ ବିଦ୍ୟୁତ ବାଇପାସ କରାଯାଇଛି। କେତକ ସ୍ଥାନରେ ଡିଫେକ୍ଟିଭ ମିଟର ପରିବର୍ତ୍ତନ ଲାଗି ବିଭାଗୀୟ ନିର୍ଦ୍ଦେଶ ସତ୍ତ୍ୱେ ନୂଆ ମିଟର ଲଗାଯାଇନାହିଁ। ଡିଫେକ୍ଟିଭ ମିଟର ଲାଗିଥିଲେ ମଧ ସେମାନଙ୍କଠାରୁ ୧୦ହଜାର ଟଙ୍କା ପରିବର୍ତ୍ତେ ୩ ହଜାର ଟଙ୍କା ବିଲ୍ ଦିଆଯାଉଛି। ସମ୍ପୃକ୍ତ କର୍ମଚାରୀ ଜଣଙ୍କ ବେଆଇନ ଭାବେ ହୁକ ପକାଇ ରୋଷେଇ କରୁଛନ୍ତି। କୁରାଢମଲ୍ଲ ଅଞ୍ଚଳରେ ଚାଲିଥିବା କ୍ରଶର ୟୁନିଟ୍ ବିଦ୍ୟୁତ୍ କଟିଗଲେ, ତୁରନ୍ତ ମରାମତି କରାଯାଉଛି। ହେଲେ ସ୍ଥାନୀୟ ଲୋକଙ୍କ ଅଭିଯୋଗ କଲେ ଘଣ୍ଟା ଘଣ୍ଟା ଧରି ସଜଡ଼ାଯାଉନାହିଁ ବୋଲି ଉଲ୍ଲେଖ ରହିଛି। ଏ ସମ୍ପର୍କରେ ସବ୍‌ଡିଭିଜନ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ନାୟକ କହିଛନ୍ତି, ବିଦ୍ୟୁତ୍ ଶକ୍ତି ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିବା ନେଇ ସୂଚନା ରହିଛି। ନିକଟରେ କ୍ରାଇମବ୍ରାଞ୍ଚ ଟିମ୍ ମଧ ଏହି ଅଭିଯୋଗ ଉପରେ ଯାଞ୍ଚ କରିଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ମୋ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ଆସିଲେ, ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଅକ୍ଟୋବର ୧୪ରେ ଦଳେଇପୁଟ ଗ୍ରାମର ଜଣେ ବ୍ୟକ୍ତି କାର୍ଯ୍ୟନିର୍ବାହୀଙ୍କୁ ଘଟଣା ସମ୍ପର୍କରେ ରେଜିଷ୍ଟ୍ରି ପୋଷ୍ଟରେ ଅଭିଯୋଗ କରିଛନ୍ତି। ଏଭଳି କୌଣସି ଅଭିଯୋଗ ପାଇ ନ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ନାୟକ କହିଛନ୍ତି।



ପୁରୀ ବ୍ରାହ୍ମଣ ସମାଜ ପକ୍ଷରୁ ଶନିବାର ୭ଦଫା ଦାବି ନେଇ ଶ୍ରୀମନ୍ଦିର ସମ୍ମୁଖରେ ଧାରଣା ଦିଆଯିବା ସହ ଗୀତାପାଠ କରାଯାଇଛି।

## ଯୁବକଙ୍କୁ ହତ୍ୟା ମାମଲା: ଜେଲ ଗଲେ ୬ ଅଭିଯୁକ୍ତ

**ଖୋର୍ଦ୍ଧା ଅଫିସ,୧୨।୧୨**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ଡ଼ିଆ ଗ୍ରାମର ବିକାଶ ସାହୁ(୨୯)ଙ୍କ ହତ୍ୟା ମାମଲାରେ ଶନିବାର ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରମାବିଲି ଗ୍ରାମର ଦିଲୁ ଓରଫ ଦିଲୀପ ମହାପାତ୍ର(୩୦), ଶରଥ ଓରଫ ତ୍ରିନାଥ ମହାପାତ୍ର(୬୦), ଗୋପୀନାଥ ମହାପାତ୍ର(୫୨), ନୀଳମଣି ପ୍ରଧାନ(୫୭), ବିଜୟ ମହାପାତ୍ର(୪୮) ଏବଂ ସୁର ଓରଫ ଶ୍ରୀକାନ୍ତ ସାହୁ। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ଖୋର୍ଦ୍ଧା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ଗତ ୯ ତାରିଖରେ ବିକାଶ ଗ୍ରାମର ଜଣେ ଯୁବକଙ୍କ ବାହାଘରରେ ରମାବିଲି ଗାଁକୁ ଅନ୍ୟମାନଙ୍କ ସହ ବରଯାତ୍ରୀ ଯାଇଥିଲେ। ଶୋଭାଯାତ୍ରା ଯାଉଥିବାବେଳେ ବର ବସିଥିବା କାର ଭିତର ଅନ୍ଧାର ଥିବାରୁ ସ୍ଥାନୀୟ ଜଣେ ଯୁବକ ଚାଳକଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ରମାବିଲି ଗ୍ରାମର ମାଡ଼ ମାରିଥିବା ଯୁବକଙ୍କ ସହ ୨୦ରୁ ୩୦ଜଣ ବରଯାତ୍ରୀଙ୍କୁ ଆକ୍ରମଣ କରିଥିଲେ। ସମସ୍ତ ବରଯାତ୍ରୀ ସେଠାରୁ ଛତ୍ରଭଙ୍ଗ ଦେଇ ଘରକୁ ଫେରିଥିବାବେଳେ ବିକାଶ ଫେରି ନ ଥିଲେ। ପରେ ଗ୍ରାମବାସୀ ଓ ପରିବାର ଲୋକେ ରମାବିଲିରେ ପହଞ୍ଚି ବିକାଶଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। କନ୍ୟା ଘର ନିକଟରେ ବିକାଶଙ୍କ ବାଇକ୍ ଥିବା ଦେଖିବା ପରେ ପରିବାରଲୋକେ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଜଙ୍କିଆ ପୋଲିସ ନିରାକାରପୁର ଥାନାରେ ଅଭିଯୋଗ କରିବାକୁ କହି ଫେରାଇ ଦେଇଥିଲା। ନିରାକାରପୁର ପୋଲିସ ମଧ ଅଭିଯୋଗପତ୍ର ରଖିବାକୁ ମନା କରିଦେଇଥିଲା। ପରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସନ୍ଧ୍ୟାରେ ଜଙ୍କିଆ ପୋଲିସ ନିଖୋଜ ମାମଲା (ନଂ.୨୪୯/୨୦)ରୁଜୁକରି ତଦନ୍ତ ଚଳାଇଥିଲା। ଶୁକ୍ରବାର ପୋଲିସ ତଦନ୍ତ ବେଳେ ରମାବିଲି ମଠସାହି କୂଅରୁ ବିକାଶଙ୍କ ମୃତଦେହ ମିଳିବା ପରେ ଖବରପାଇ ପରିବାର ଲୋକେ ଓ ଗ୍ରାମବାସୀ ପହଞ୍ଚି ରମାବିଲି ଗାଁ ମୁଣ୍ଡରେ ରାସ୍ତାରୋକୋ କରିଥିଲେ। ଖବରପାଇ ଏସ୍‌ପି ସ୍ୱାଇଁ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବିକାଶଙ୍କୁ ହତ୍ୟା କରାଯାଇ କୂଅରେ ଫିଙ୍ଗିଦିଆଯାଇଛି ବୋଲି ତାଙ୍କ ବାପା କେଦାରନାଥ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୦୨ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ୩ ନୀତିନିର୍ଘଣ୍ଟ ଏଜେଣ୍ଡାକୁ ଅନୁମୋଦନ

**ପୁରୀ ଅଫିସ, ୧୨।୧୨**

ମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧକ୍ଷତାରେ ଶନିବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ୩ଟି ଗୁରୁତ୍ୱପୂର୍ଣ୍ଣ ଏଜେଣ୍ଡାକୁ ଅନୁମୋଦନ ମିଳିଛି। ଆସନ୍ତା ୧୪ ତାରିଖରେ ମକର ସଂକ୍ରାନ୍ତି ନୀତିନିର୍ଘଣ୍ଟ ଲାଗି ଅନୁମୋଦନ ମିଳିଛି। ସେହିପରି ପହିଲି ଭୋଗ ନୀତି ନିର୍ଘଣ୍ଟ ଏବଂ ଦେବାଭିଷେକ ପୂର୍ଣ୍ଣମା ନୀତି ନିର୍ଘଣ୍ଟ ନିମନ୍ତେ ବୈଠକରେ ଅନୁମୋଦନ ଲାଭ କରିଛି। ଏହି ୩ କାର୍ଯ୍ୟକ୍ରମ ଲାଗି ନୀତି ନିର୍ଘଣ୍ଟ ସମୟ ଦିଆଯାଇଥିଲେ ମଧ ପ୍ରକୃତ ସମୟ ଉକ୍ତ ଦିନର ନୀତି ପାଳନ ଉପରେ ନିର୍ଭରଶୀଳ ବୋଲି କୁହାଯାଇଛି।

## ପତିତପାବନ ଦର୍ଶନ କଲେ ପୁରନ୍ଦେଶ୍ୱରୀ



ଶ୍ରୀମନ୍ଦିର ସମ୍ମୁଖରେ ଭାଜପା ଓଡ଼ିଶା ପ୍ରଭାରୀ ବି.ପୁରନ୍ଦେଶ୍ୱରୀ ଦୀପଦାନ କରୁଛନ୍ତି।

**ପୁରୀ ଅଫିସ/ପିପିଲି,(ସ୍ୱ.ପ୍ର.) ୧୨।୧୨**

ଭାଜପାର ନବ ନିଯୁକ୍ତ ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ଶନିବାର ପୁରୀ ଗସ୍ତ କରିଥିଲେ। ପୁରୀରେ ପହଞ୍ଚିବା ପରେ ସିଂହଦ୍ୱାର ସମ୍ମୁଖରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ଏହାସହ ମନ୍ଦିର ତୁରନ୍ତ ଖୋଲାଯାଉ ବୋଲି ଦାବି କରିବା ସହ ବଗଲା ଜମି ବିକ୍ରି ହେବା ପ୍ରସଙ୍ଗ ନେଇ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ସେ ସମାଲୋଚନା କରିଛନ୍ତି। ନବ ନିଯୁକ୍ତ ପରେ ପୁରନ୍ଦେଶ୍ୱରୀଙ୍କ ଏହା ପ୍ରଥମଥର ପୁରୀ ଗସ୍ତ । ଗସ୍ତ ସମୟରେ ତାଙ୍କ ସହ ରାଜ୍ୟ ଭାଜପା ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା ଓ ପୁରୀ ଜିଲା ପ୍ରଭାରୀ ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ଭୁବନେଶ୍ୱରକୁ ଫେରିବା ବାଟରେ ପିପିଲି ସାତଶଙ୍ଖଠାରେ ଦଳ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବରୁ ଅପେକ୍ଷାରତ ପିପିଲି-ଡେଲାଙ୍ଗର ଭାଜପା ନେତା ତଥା ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ସ୍ୱାଗତ ବେଳେ ପୁରୀ ଜିଲା ଭାଜପା ଉପସଭାପତି ଜନ୍ମେଜୟ ଜେନା, ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ଅଜୟ ପ୍ରଧାନ, ମଣ୍ଡଳ ସଭାପତି ପର୍ଶୁରାମ ମହାପାତ୍ର, ସୁଧୀର ବିଶ୍ୱାଳ, ପ୍ରଦୀପ ପାତ୍ର, ଲଡୁକିଶୋର ରାୟ, ସୁଧାଂଶୁ ପରିଡ଼ା, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଅକ୍ଷୟ ବେହେରା, ଯସୁଆପୁର ସରପଞ୍ଚ ଜ୍ୟୋତିର୍ମୟୀ ଦାଶ, ମହିଳା ନେତ୍ରୀ ରେଣୁପ୍ରିୟା ନାୟକ ପ୍ରମୁଖ ସାମିଲ ଥିଲେ।

# ୧୫ରେ ସାକ୍ଷୀଗୋପାଳଙ୍କ ଦେବନୀତି ବନ୍ଦ ନିଷ୍ପତ୍ତି

**ସାକ୍ଷୀଗୋପାଳ,୧୨।୧୨(ଡି.ଏନ୍.ଏ.)**

**କୋଭିଡ୍ ସହାୟତାରେ ପ୍ରଶାସନିକ ଚଞ୍ଚକତା ଅଭିଯୋଗ**

କୋଭିଡ୍ କଟକଣା ପାଇଁ ଦୀର୍ଘ ୮ ମାସ ହେଲା ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ପ୍ରବେଶ ବନ୍ଦ କରାଯାଇଛି। ଫଳରେ ମନ୍ଦିର ଉପରେ ନିର୍ଭରକରି ପରିବାର ପ୍ରତିପୋଷଣ କରୁଥିବା ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିର ସେବାୟତମାନେ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ରାଜ୍ୟର ଅନ୍ୟ ମନ୍ଦିର ସେବାୟତଙ୍କ ଭଳି ସେମାନଙ୍କୁ କୋଭିଡ୍‌କାଳୀନ ସହାୟତା ଯୋଗାଇ ଦେବାକୁ ଶ୍ରୀସାକ୍ଷୀଗୋପାଳ ସେବାୟତ ସଂଘ ମନ୍ଦିର ପ୍ରଶାସନ ନିକଟରେ ବାରମ୍ବାର ଦାବି କରିଥିଲେ ମଧ ପ୍ରଶାସନ ପ୍ରତିଶ୍ରୁତି ଦେଇ ଚଞ୍ଚକତା କରି ଅହେତୁକ ବିଳମ୍ବ କରୁଥିବା ଅଭିଯୋଗ କରାଯାଇଛି। ଏ ନେଇ ଶନିବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେବାୟତ ସଂଘ ସଭାପତି ରାମଚନ୍ଦ୍ର ମହାପାତ୍ର, ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ର ଓ କାର୍ଯ୍ୟକର୍ତ୍ତାମାନେ ଦାବି ପୂରଣ ନ ହେଲେ ସେବାୟତମାନେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିବା ସୂଚନା ଦେଇଥିଲେ। ୧୪ ତାରିଖ ସୁଦ୍ଧା ସମସ୍ତ ସେବାୟତଙ୍କୁ ସହାୟତା ରାଶି ପ୍ରଦାନ କରା ନ ଗଲେ ୧୫ ତାରିଖ ପହିଲି ଭୋଗ ନୀତିର ପ୍ରାରମ୍ଭିକ ଦିବସରୁ ଦେବନୀତି ପର୍ଯ୍ୟନ୍ତ ବନ୍ଦ କରି ସେବାୟତମାନେ ମନ୍ଦିରରେ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜ୍ୟ ଦେବୋତ୍ତର କମିଶନର, ମନ୍ଦିର ପରିଚାଳନା କମିଟି ସଭାପତି ତଥା ସତ୍ୟବାଦୀ ବିଧାୟକ, ଆଇନମନ୍ତ୍ରୀ, ଆଇନ ସଚିବ, ପୁରୀ ଜିଲାପାଳ, ଏସ୍‌ପି, ଉପଜିଲାପାଳ, ସତ୍ୟବାଦୀ ତହସିଲଦାର, ବିଡିଓ, ଆଇଆଇସି ଓ ଗଣମାଧମ ପ୍ରତିନିଧିଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି।

ସୂଚନାଯୋଗ୍ୟ, ସେବାୟତ ସଂଘ ଅନୁରୋଧ କ୍ରମେ ମନ୍ଦିର ପରିଚାଳନା କମିଟି ସେବାୟତଙ୍କ ପାଇଁ ମନ୍ଦିର ନିଜସ୍ୱ ପାଣ୍ଠିରୁ ୫ ଲକ୍ଷ ୮୧ ହଜାର ଟଙ୍କା ଅନୁଦାନ ମଞ୍ଜୁର କରିଥିଲେ। ରାଜ୍ୟ ଦେବୋତ୍ତର କମିଶନରଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୩୧୭/ ସେପ୍ଟେମ୍ବର ୨୪ରେ ରେକର୍ଡ ମୁତାବକ ସେବାୟତ ପରିବାରଙ୍କ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବାକୁ ମନ୍ଦିର ପରିଚାଳନା କମିଟି ସଭାପତି ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲା। ମାତ୍ର ଏଥିରେ ଚଞ୍ଚକତା କରି ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଏକ ତ୍ରୁଟିପୂର୍ଣ୍ଣ ତାଲିକା ପ୍ରକାଶ ପାଇବା ପରେ ସଂଘ ଏହାକୁ ବିରୋଧ କରିଥିଲା। ଅପରପକ୍ଷରେ କମିଶନରଙ୍କ ଆଦେଶ ମିଳିବାପରେ ସହୟତା ପ୍ରଦାନ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ କୁମାର ସ୍ୱାଇଁ କହିଛନ୍ତି।

## ଟୋଲ୍ ଗେଟ୍ ଅବରୋଧ କରି ବିକ୍ଷୋଭ




ଟୋଲ୍ ଗେଟ୍ ସମ୍ମୁଖରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ।

**ପିପିଲି,୧୨।୧୨(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦ୍ର ସରକାରଙ୍କ ନୂତନ ୩ କୃଷି ଆଇନକୁ ପ୍ରତ୍ୟାହାର କରିବା ଦାବିରେ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି, ଓଡ଼ିଶା ପକ୍ଷରୁ ଶନିବାର ପିପିଲି ଟୋଲ୍ ଗେଟ୍ ସମ୍ମୁଖରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭକାରୀମାନେ ଟୋଲ୍‌ପ୍ଲାଜାକୁ ଅଚଳ କରି ଦେବାରୁ ପ୍ରାୟ ୩ଘଣ୍ଟା ପର୍ଯ୍ୟନ୍ତ ବିନା ଦେୟରେ ଗାଡ଼ି ମୋଟର ଯାତାୟାତ କରିଥିଲା। ସିପିଆଇ(ଏମ୍ଏଲ) ଲିବରେଶନ, ସିପିଆଇ ଫରୱାର୍ଡ ବ୍ଲକ, ସମାଜବାଦୀ ପାର୍ଟି, ସିପିଆଇ, ସିପିଆଇଏମ୍, ଆଇଏନ୍‌ସିପି, ସିପିଆଇ (ଏମ୍ଏଲ) ରେଡ୍ ଷ୍ଟାର, ଆଇଏନ୍‌ଟିୟୁସି, ସିଟୁ, ଏଆଇଟିୟୁସି, ଏଆଇସିସିଟିୟୁ, ଏଆଇଏଫ୍‌ବି, ନବ ନିର୍ମାଣ କୃଷକ ମହାସଂଘ, ବସ୍ତି ସୁରକ୍ଷା ମଞ୍ଚ, ଘରୋଇ ମହିଳା ସଂଗଠନ, ଅଖିଳ ଭାରତୀୟ କ୍ରାନ୍ତିକାରୀ ମହିଳା ସଂଗଠନ, ଟିୟୁସିଆଇ ପ୍ରମୁଖ ସଂଗଠନ ପକ୍ଷରୁ ୩ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଓ ଚାଷୀମାନେ ଏହି ବିକ୍ଷୋଭରେ ଯୋଗଦେଇଥିଲେ। କୃଷକ ନେତା ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ସଭାରେ ୩ ନୂତନ କୃଷି ଆଇନକୁ ତୁରନ୍ତ ରଦ୍ଦ କରାଯିବା ଏବଂ ଜନବିରୋଧୀ ବିଦ୍ୟୁତ୍ ବିଲ୍-୨୦୨୦କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ। ଜଗନ୍ନାଥ ମିଶ୍ର, ସର୍ବେଶ୍ୱର ଭାରତୀ, ସୁନନ୍ଦ ଗଡନାୟକ, ରାଜକିଶୋର ଶତପଥୀ, କାହ୍ନୁଚରଣ ବେହେରା, ରବୀନ୍ଦ୍ର ସ୍ୱାଇଁ, ଜ୍ୟୋତିରଞ୍ଜନ ମହାପାତ୍ର, ମହେନ୍ଦ୍ର ପରିଡ଼ା, ସୁଦର୍ଶନ ପ୍ରଧାନ, ଯୁଧିଷ୍ଠିର ମହାପାତ୍ର, କିଶୋର ଜେନା, ପ୍ରଭାତି ମିଶ୍ର ପ୍ରମୁଖ ଯୋଗଦେଇ ଟୋଲ୍ ପ୍ଲାଜାକୁ ଅଚଳ କରିଦେଇଥିଲେ। ମଧାହ୍ନ ୧ଟାରେ ବିକ୍ଷୋଭକାରୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିବାରୁ ପୂର୍ବଭଳି ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ସେଠାରେ ପିପିଲି ଅତିରିକ୍ତ ତହସିଲଦାର ନୀଳକଣ୍ଠ ବେହେରା, ଏସ୍‌ଡିପିଓ ଦେବଦତ୍ତ ବରାଳ, ଆଇଆଇସି ଗୌରାଙ୍ଗଚରଣ ପୃଷ୍ଟି, ଏଏସ୍‌ଆଇ ରବୀନ୍ଦ୍ର ନାୟକ, ଶେଷଦେବ ସୁବୁଦ୍ଧି, ଶାନ୍ତନୁ ନାୟକ ପ୍ରମୁଖ ପୋଲିସ ଫୋର୍ସସହ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତ ବ୍ୟାକୁଳ

ଶ୍ରୀମନ୍ଦିର ଖୋଲିବା ନେଇ ମନ୍ଦିର ପ୍ରଶାସନ ଓ ଛତିଶା ନିଯୋଗର ସମ୍ମତି ପ୍ରକାଶ ପାଇବା ପରେ ସରକାରଙ୍କ ଅନୁମତିକୁ ଏବେ ଅପେକ୍ଷା। ୨୩ରୁ ମନ୍ଦିର ଖୋଲିବା ନେଇ ମନ୍ଦିର ପ୍ରଶାସକଙ୍କଠାରୁ ସୂଚନା ମିଳିଛି। ଏହି ନିଷ୍ପତ୍ତିକୁ ସବୁ ମହଲ୍‌ରୁ ସ୍ୱାଗତ କରାଯାଇଛି। କୋଭିଡ୍ କଟକଣା ଯୋଗୁ ଦୀର୍ଘ ୯ମାସ ଧରି ମହାପ୍ରଭୁଙ୍କ ଦର୍ଶନରୁ ଭକ୍ତ ବଞ୍ଚିତ ହୋଇଛି। ଏଥିପାଇଁ ବିଭିନ୍ନ ବର୍ଗର ଜୀବନଜୀବିକା ମଧ ପ୍ରଭାବିତ ହୋଇଛି। ତେଣୁ ଏବେ କଟକଣା ମଧରେ ମହାପ୍ରଭୁଙ୍କ ଦର୍ଶନ କିପରି ସହଜରେ ହେବ ଏବଂ ମହାପ୍ରଭୁଙ୍କ ସାନିଧ ମିଳିପାରିବ ତାକୁ ବ୍ୟବସ୍ଥିତ କରିବାର ସମୟ ଆସିଛି

### ଖୁବ୍‌ଶୀଘ୍ର ମନ୍ଦିର ଖୋଲୁ



"ଶ୍ରୀମନ୍ଦିର ଖୋଲିବା ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଖୁବ୍‌ଶୀଘ୍ର ମନ୍ଦିର ଖୋଲୁ ଏବଂ ସମସ୍ତେ ଜଗା ଦର୍ଶନ କରନ୍ତୁ। ଏତେଦିନ ଧରି ମହାପ୍ରଭୁଙ୍କୁ ଦର୍ଶନ ନ କରି ଦର୍ଶନାର୍ଥୀ ବାଡ଼େଇଛାଟି ହେଲେଣି। ତେବେ ମନ୍ଦିର ଖୋଲିବା ପରେ ସବୁ କଟକଣା ଠିକ୍‌ରେ ପାଳନ କରାଯିବା ଆବଶ୍ୟକ। ଦୀର୍ଘଦିନ ପରେ ମନ୍ଦିର ଖୋଲାଯାଉଥିବା କାରଣରୁ ସବୁ ଭକ୍ତ ଦର୍ଶନ କରିବାକୁ ଚାହିଁବେ। ୨୨ପାହାଚରେ ପ୍ରବଳ ଗହଳି ଦେଖିବାକୁ ମିଳିବ। ଠେଲାପେଲା ହେବାର ମଧ ଯଥେଷ୍ଟ ସମ୍ଭାବନା ରହିଛି। ଏହାକୁ ଯଦି ଧାନ ଦିଆ ନ ଯିବ ତେବେ ବହୁ ଅସୁବିଧା ହେବ। ତେଣୁ ଏହାକୁ ପ୍ରଶାସନ ଠିକ୍‌ରେ ପରିଚାଳନା କରିବା ଆବଶ୍ୟକ।

**– ନବ କିଶୋର ବରାଳ, ପାଣିଆପଟ ସେବାୟତ**

### ବଡ଼ ଆନନ୍ଦର ବିଷୟ



"ଶ୍ରୀମନ୍ଦିର ଖୋଲିବା ନେଇ ରାଜ୍ୟସରକାର ଯେତେଶୀଘ୍ର ଅନୁମତି ଦେବେ ସେତେ ଖୁସି ଲାଗିବ। ମନ୍ଦିର ଖୋଲିବା ନିଷ୍ପତ୍ତି ଜଣାପଡ଼ିବା ପରେ ଭକ୍ତଙ୍କ ମନରେ ଅପୂର୍ବ ଖୁସି ଖେଳିଯାଇଛି। ପୁଣିଥରେ ପ୍ରଭୁ ଜଗନ୍ନାଥ-ଭକ୍ତଙ୍କ ମଧରେ ଭାବର ଆଦାନପ୍ରଦାନ ହେବ। ଦୀର୍ଘଦିନ ଧରି ଶ୍ରୀମନ୍ଦିର ବନ୍ଦ ରହିଲାଣି। ଏହା ଭିତରେ ରଥଯାତ୍ରା, ଚନ୍ଦନ ଯାତ୍ରା, ନାଗାର୍ଜୁନ ବେଶରେ ମହାପ୍ରଭୁଙ୍କ ନୀତିକାନ୍ତି ହୋଇଥିଲେ ମଧ ଭକ୍ତମାନେ ଦର୍ଶନର ସୁଯୋଗ ପାଇନାହାନ୍ତି। ଏବେ ମନ୍ଦିର ଖୋଲିବାକୁ ଯାଉଛି, ଏହାଠାରୁ ବଡ଼ ଆନନ୍ଦର ବିଷୟ ଆଉ କିଛି ନାହିଁ।

**– ରାମଚନ୍ଦ୍ର ଦାସ ମହାପାତ୍ର, ପରିଚାଳନା କମିଟି ସଦସ୍ୟ**

### ସେବାୟତଙ୍କ ଲାଗି ଟିକା ବ୍ୟବସ୍ଥା କରାଯାଉ



"ମନ୍ଦିର ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ହେଲେ ଠିକ୍‌ରେ କଟକଣା ମାନି ଭକ୍ତଙ୍କୁ ଦର୍ଶନ ଅନୁମତି ମିଳିବା ଆବଶ୍ୟକ। ତୁରନ୍ତ ସେବାୟତଙ୍କ ଲାଗି ଟିକା ବ୍ୟବସ୍ଥା କରାଯାଉ। କାରଣ ସେବାୟତମାନେ ଦୈନିକ ୧୫ଘଣ୍ଟା କାମ କରିବେ। ଏହି ସମୟରେ ସେମାନେ ହଜାର ହଜାର ଲୋକଙ୍କ ସଂସ୍ପର୍ଶରେ ଆସିବେ। ତେଣୁ ଯେବେ ଟିକା ଆସିବ ସେତେବେଳେ ପ୍ରଥମ ପର୍ଯ୍ୟାୟ ଟିକାକରଣରେ ସେବାୟତଙ୍କୁ ସାମିଲ କରାଯାଉ।

**– ରଜତ ପ୍ରତିହାରୀ, ସେବାୟତ**

### ଅର୍ଥନୀତିରେ ସୁଧାର ଆସିବ



"ଡେରିରେ ହେଲେ ବି ଉଚିତ୍ ନିଷ୍ପତ୍ତି ନିଆଯାଇଛି। ମନ୍ଦିର ନ ଖୋଲିବା ଯୋଗୁ ପୁରୀର ବିଭିନ୍ନ ବର୍ଗର ଅର୍ଥନୀତି ମେରୁଦଣ୍ଡ ଦୋହଲିଗଲାଣି। ମନ୍ଦିର ଖୋଲିଲେ ପର୍ଯ୍ୟଟକଙ୍କ ଆଗମନ ବଢ଼ିବ। ହୋଟେଲ ଶିଳ୍ପଠାରୁ ଆରମ୍ଭ କରି ସମସ୍ତଙ୍କ ଆର୍ଥିକ ସଙ୍କଟ ଦୂର ହେବ। ଖୁଚୁରା ବ୍ୟବସାୟୀ ମଧ ବହୁ ଅସୁବିଧା ଭୋଗିଲେଣି। ମହାପ୍ରଭୁ ମଧ ଭକ୍ତଙ୍କ ଆଗମନକୁ ଅପେକ୍ଷା କରିଛନ୍ତି।

**– ରବି ନାରାୟଣ ସାହୁ, ପୁରୀବାସୀ।**

### ମନ୍ଦିର ଖୋଲିବାକୁ ଲୋକ ଚାହିଁ ରହିଛନ୍ତି



"ମନ୍ଦିର ଖୋଲିବା ନିଶ୍ଚିତଭାବେ ଏକ ସ୍ପର୍ଶକତାର ବିଷୟ। କେବେ ମନ୍ଦିର ଖୋଲାଯିବ, ତାକୁ ଲୋକମାନେ ଚାହିଁ ରହିଛନ୍ତି। ହେଲେ ସେବାୟତମାନେ ଏହା ଚାହୁଁଛନ୍ତି ନା ନାହିଁ ତାହା ଜାଣିବା ଦରକାର। ପୂର୍ବରୁ ମନ୍ଦିରକୁ ଖୋଲାଗଲେ କୋଭିଡ୍ ବଢ଼ିବାର ଆଶଙ୍କା ଥିବାରୁ ସେବାୟତମାନେ ଏହା ଚାହୁଁ ନ ଥିଲେ। ଏବେ ଯଦି ଛତିଶା ନିଯୋଗରେ ଶ୍ରୀମନ୍ଦିର ଖୋଲିବା ଲାଗି ନିଷ୍ପତ୍ତି ହୋଇଛି ତେବେ ଏହା ସ୍ୱାଗତଯୋଗ୍ୟ। ଲୋକଙ୍କ ଜୀବନଜୀବିକା ଅଟକି ରହିଛି। ମନ୍ଦିର ନ ଖୋଲିଲେ ଲୋକଙ୍କ ଆର୍ଥିକ ସଙ୍କଟ ବଢ଼ିଯିବ। ତେଣୁ ତୁରନ୍ତ ମନ୍ଦିର ଖୋଲାଯାଉ।

**– ମହନ୍ତ, ରାମଚରଣ ଦାସ**

### ବ୍ୟାକୁଳ ହେଲେଣି ଭକ୍ତ



"ମନ୍ଦିର ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତୁରନ୍ତ ଏହା ହେବା ଦରକାର, ଭକ୍ତମାନେ ମହାପ୍ରଭୁଙ୍କୁ ଦେଖିବାକୁ ବ୍ୟାକୁଳ ହେଲେଣି। ଏପରି କି ବିଭିନ୍ନ ଲୋକଙ୍କ ଜୀବନ ଜୀବିକା ମଧ ଉଜୁଡ଼ିଯିବାକୁ ବସିଲାଣି। ଇତିମଧରେ ତିରୁପତି ମନ୍ଦିର ମଧ ଖୋଲିଲାଣି। ସେଠାରେ ଦୈନିକ ୯ହଜାର ଭକ୍ତ ଦର୍ଶନ କରିବାର ବ୍ୟବସ୍ଥା ରହିଛି। ସମସ୍ତେ ମାସ୍କ, ସାନିଟାଇଜର ବ୍ୟବହାର କରି ଦର୍ଶନ କରୁଛନ୍ତି। ମହାପ୍ରଭୁଙ୍କୁ ଯେପରି ଲୋକମାନେ ଯଥାଶୀଘ୍ର ଦର୍ଶନ କରିପାରିବେ ସେଥିପାଇଁ ବ୍ୟବସ୍ଥା କରାଯିବା ଆବଶ୍ୟକ।

**– ଗୀତାଞ୍ଜଳି ପଣ୍ଡା, ସାମାଜିକ କର୍ମୀ**

